

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୩୦ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 30 JANUARY 2025

Vol.No. 36 ■ No.28 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମହାକୁମ୍ଭରେ ଦଳାଚକଟା : ୩୦ରୁ ଅଧିକ ମୃତ୍ୟୁ ସୂଚନା

■ରାଷ୍ଟ୍ରପତି-ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକ ପ୍ରକାଶ
■ମୃତକଙ୍କ ପରିଜନଙ୍କୁ ୨୫ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା
■ଗୁଜବ ଉପରେ ବିଶ୍ୱାସ କରନ୍ତୁ ନାହିଁ : ମୁଖ୍ୟମନ୍ତ୍ରୀ ଯୋଗୀ



ନୂଆଦିଲ୍ଲୀ, ୨୯/୧ : ଏପଟେ ବି ଭିଡ଼...ସେପଟେ ଭିଡ଼, ଆଖି ପାଇବା ଯାଏ ମାଳ ମାଳ ଶ୍ରଦ୍ଧାଳୁଙ୍କ ମେଳ । ଏଭଳି କିଛି ଦୃଶ୍ୟ ଭିତରେ ମୌନୀ ଅମାବାସ୍ୟା ଅବସରରେ ମହାକୁମ୍ଭରୁ ଆସିଛି ଅଘଟଣର ଖବର । ଦ୍ୱିତୀୟ ତଥା ବୃହତ ସାହି ସ୍ନାନ ବେଳେ ବୁଧବାର ଭୋର ସମୟରୁ ପ୍ରୟାଗରାଜରେ ଦଳାଚକଟା ସ୍ଥିତି ଦେଖିବାକୁ ମିଳିଛି । ଏହି ଦଳାଚକଟାରେ ୧୦ରୁ ଅଧିକ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରାଯାଇଛି । ତେବେ ଆହତ ଓ ନିଖୋଜଙ୍କ ସବିଶେଷ ବିବରଣୀ ପ୍ରଶାସନ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ଜାରି କରିଛି। ଦଳାଚକଟା ଘଟଣାକୁ ନେଇ ରାଜନୀତି ତେଜିବାରେ ଲାଗିଛି। ଭିଆଇପିଙ୍କୁ ଗୁରତ୍ୱ ଦେବା ସହ ସଠିକ ଭାବେ ଭିଡ଼କୁ ନିୟନ୍ତ୍ରଣ ନକରିବା ଫଳରେ ଏଭଳି ଅଘଟଣ ଘଟିଥିବା ବିରୋଧୀ ଦଳଙ୍କ ସମେତ ସାଧୁସନ୍ଥ ମାନେ ମାନେ ଅସନ୍ତୋଷ ଜାହିର କରିଛନ୍ତି। ଏଭଳି ଅଘଟଣକୁ ନେଇ ଦୁଃଖ ପ୍ରକାଶ କରିବା ସହ ଆହତ ମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେପଟେ ସ୍ଥିତି ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି, ଗୁଜବକୁ କେହି ବିଶ୍ୱାସ କରିବା ଉଚିତ ନୁହେଁ ବୋଲି କହିଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ମୌନୀ ଅମାବାସ୍ୟା ଅବସରରେ ପ୍ରୟାଗରାଜ ତ୍ରିବେଣୀ ସଙ୍ଗମସ୍ଥଳ ଜନସମୁଦ୍ରରେ ପରିଣତ ହୋଇଛି । ଗୋଟିଏ ଦିନରେ ପାଖାପାଖି ୮ରୁ ୧୦ କୋଟି ଲୋକ ବୁଡ଼ ପକାଇଥିବା ଆକଳନ କରାଯାଉଛି। ମୌନି ଅମାବାସ୍ୟା ଅବସରରେ ବୁଧବାର ସକାଳେ ପ୍ରୟାଗରାଜ ମହାକୁମ୍ଭର ସଙ୍ଗମ ଅଞ୍ଚଳରେ ପବିତ୍ର ସ୍ନାନ କରିବାକୁ ଆସିଥିବା ବହୁ ସଂଖ୍ୟାରେ ତୀର୍ଥଯାତ୍ରୀଙ୍କ ମଧ୍ୟରେ ଦଳାଚକଟା ହେବା ପରେ ଅନେକ ଲୋକ ଆହତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ୩୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୫୦ରୁ ଅଧିକ ତୀର୍ଥଯାତ୍ରୀ ଆହତ ହୋଇଛନ୍ତି । ମଙ୍ଗଳବାର ଏବଂ ବୁଧବାର ମଧ୍ୟରାତ୍ରିରେ ଭୋର୍ ୧ ରୁ ୨ଟା ମଧ୍ୟରେ ଏହି ଘଟଣା ଘଟିଥିଲା ଯେତେବେଳେ କିଛି ତୀର୍ଥଯାତ୍ରୀ ଆଖଡ଼ା ରାସ୍ତାରେ ଲଗାଯାଇଥିବା ବାଡ଼ ଉପରେ ଚଢ଼ି ଯାଇଥିଲେ। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରେ ?ପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖର ବୁଧବାର ଦିନ ମହାକୁମ୍ଭର ଦଳାଚକଟା ଘଟଣାରେ ଗଭୀର ଶୋକ ପ୍ରକାଶ କରି ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି ଯେ, ପ୍ରୟାଗରାଜ ମହାକୁମ୍ଭରେ ଦଳାଚକଟା ଘଟଣା ଅତ୍ୟନ୍ତ ଦୁଃଖଦାୟକ।

▶▶ପୃଷ୍ଠା ୭

# ନବ ଦାସ ହତ୍ୟାକାଣ୍ଡ: ୨ ସପ୍ତାହ ଭିତରେ ସିବିଆଇ ତଦନ୍ତ ଲାଗି ଚିଠି ଲେଖିବେ ଦୀପାଳି




ଭୁବନେଶ୍ୱର, ୨୯/୧(ନି.ପ୍ର) : ନବ ଦାସ ହତ୍ୟାକାଣ୍ଡକୁ ୨ ବର୍ଷ ପୂରିଛି । ହେଲେ ଏବେ ବି ହତ୍ୟାକାଣ୍ଡ ରହସ୍ୟାବୃତ । ନେତାଙ୍କଠୁ ଆରମ୍ଭ କରି ଜନତା । ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଗୋପାଳ ଆଢୁଆଳରେ ପ୍ରକୃତ ଦୋଷୀ ଖସି ଯାଇଛି କି ? ବିଜେପି, କଂଗ୍ରେସ ସେତେବେଳର କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇ ଥିବା ବେଳେ ବିଜେଡି କହିଛି ଉଇଓକୁ ତଦନ୍ତ ଲାଗି ଲିଖିତ ଅଭିଯୋଗର ଆବଶ୍ୟକତା ନାହିଁ । ସରକାର ଚାହିଁଲେ ଦେଇପାରିବେ । ଏହାଭିତରେ ଝିଅ ଦୀପାଳି ଦାସ କହିଛନ୍ତି ଉଇଓ ତଦନ୍ତ ଲାଗି ଖୁବଶୀଘ୍ର ଲିଖିତ ଭାବେ ସରକାରଙ୍କୁ ଜଣାଇବି । ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ ବି ନବ ଦାସ ହତ୍ୟାକୁ ନେଇ ଅସମାହିତ ପ୍ରଶ୍ନ । କ'ଣ ସତରେ ଗୋପାଳ ଏକମାତ୍ର ଅଭିଯୁକ୍ତ ? ନା ରିମୋଟ୍ କଣ୍ଟ୍ରୋଲ୍ ଥିଲା ଆଉ କାହା ହାତରେ ? ଯାହାଙ୍କ ନିର୍ଦ୍ଦେଶରେ ସେ ଘଟାଇଥିଲା ହତ୍ୟାକାଣ୍ଡ ? କିଏ ସେ ମାଷ୍ଟର ମାଇଣ୍ଡ ? କ୍ରାଇମବ୍ରାଞ୍ଚ ତଦନ୍ତରେ ଗୋପାଳ ଦାସ ଏକମାତ୍ର ଅଭିଯୁକ୍ତ ହୋଇଥିବା ବେଳେ ସାଧାରଣରେ କିନ୍ତୁ ସନ୍ଦେହ ଯେ ଏହା ଏକ ପ୍ରି ପ୍ଲାନଡ ମର୍ଡର ।

▶▶ପୃଷ୍ଠା ୭

# ହୋମଗାର୍ଡଙ୍କୁ ବି ମିଳିବନି ମାଗଣା ରାସନ

ଭୁବନେଶ୍ୱର, ୨୯/୧(ନି.ପ୍ର) : ରାସନ କାର୍ଡ ପାଇବାରୁ ବଞ୍ଚିତ ହେବେ ହୋମଗାର୍ଡ । ଦରମା ନୁହଁ ଭତ୍ତା ପାଉଥିବା ହୋମଗାର୍ଡଙ୍କୁ ସରକାରୀ ଚାକିରିଆ କହି ରାସନ କାର୍ଡ ରଦ୍ଦ କରିବାକୁ ଆରମ୍ଭ ହୋଇଛି ପ୍ରକ୍ରିୟା । ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପରେ ତେଜିଲାଣି ରାଜନୀତି । ବିରୋଧି ବିଜେଡି ଓ କଂଗ୍ରେସ ଟାର୍ଗେଟ କଲେଣି ବିଜେପି ସରକାରକୁ । ଦେଖନ୍ତୁ କନକ ନ୍ୟୁଜର ଏକ୍ସକ୍ଲୁସିଭ ରିପୋର୍ଟ । ରାସନ କାର୍ଡ ପାଇବାରୁ ବଞ୍ଚିତ ହେବେ ହୋମଗାର୍ଡ ପରିବାର । ହଜାର ହଜାର ହିତାଧିକାରୀଙ୍କର କାର୍ଡ ରଦ୍ଦ ହେବ ।

▶▶ପୃଷ୍ଠା ୭

# ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଓଡ଼ିଶାକୁ ପୁଞ୍ଜି ବର୍ଷା: ସ୍ୱାକ୍ଷର ହେଲା ୧୪୫ ଏମଓୟୁ




ଭୁବନେଶ୍ୱର, ୨୯/୧(ନି.ପ୍ର) : ୧୬ ଲକ୍ଷ ୭୩ ହଜାର କୋଟିର ପୁଞ୍ଜି ନିବେଶ ଆଗ୍ରହ । ୧୨ ଲକ୍ଷ ୮୮ ହଜାର ନିଯୁକ୍ତି ସମ୍ଭାବନା । ସ୍ୱାକ୍ଷର ହେଲା ୧୪୫ ଗଡଂଟ । ଉତ୍କର୍ଷ ଓଡ଼ିଶା କନକ୍ଲେଭରୁ ରାଜ୍ୟ ସରକାରଙ୍କୁ ମିଳିଛି ଏଭଳି ବଡ଼ ଉପଲବ୍ଧି। ଦେଶର ବିଶିଷ୍ଟ ଶିଳ୍ପପତି ଓ ଶିଳ୍ପ ସଂସ୍ଥା ମୁଖିଆଙ୍କୁ ନେଇ ୨ ଦିନର ନିବେଶ ମହାକୁମ୍ଭରେ ରାଜ୍ୟକୁ ଆଶାତୀତ ପୁଞ୍ଜି ଆସିବାର ବିଶାଳ ସମ୍ଭାବନା ସୃଷ୍ଟି ହୋଇଛି । ଏପଟେ ରାଜ୍ୟରେ ମହିଳାଙ୍କ ପାଇଁ ଇଣ୍ଡଷ୍ଟ୍ରିଆଲ ପାର୍କର ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ତା ସହ ଏନର୍ଜି, ଫୁଡ୍ ପ୍ରୋସେସିଂ, ବୟନ ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ପାଇଁ ବହୁ କଂପାନୀ ଓଡ଼ିଶା ମୁହାଁ ହୋଇଛନ୍ତି । ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ରାଜ୍ୟକୁ ପୁଞ୍ଜି ବର୍ଷା । ୧୬ ଲକ୍ଷ ୭୩ ହଜାର କୋଟିର ପୁଞ୍ଜି ନିବେଶ ଆଗ୍ରହ । ୧୪୫ ଏମ୍ଓୟୁ ଜରିଆରେ ୧୨ ଲକ୍ଷ ୮୯ ହଜାର କୋଟି ଟଙ୍କାର ନିବେଶ ସମ୍ଭାବନା । ୧୨ ଲକ୍ଷ ୮୮ ହଜାର ନିଯୁକ୍ତି ସମ୍ଭାବନା ସୃଷ୍ଟି । ଭୁବନେଶ୍ୱରରେ ଆୟୋଜିତ ଦୁଇ ଦିନିଆ ଉତ୍କର୍ଷ ଓଡ଼ିଶା

▶▶ପୃଷ୍ଠା ୭

# ଇତିହାସ ରଚିଲା ଇସ୍ରୋ




ନୂଆଦିଲ୍ଲୀ, ୨୯/୧ : ନୂଆ ଇତିହାସ ରଚିଛି ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ। ଶ୍ରୀହରିକୋଟାରୁ ୧୦୦ତମ ଉତକ୍ଷେପଣ ସହ ଶତକ ହାସଲ କରିଛି ଇସ୍ରୋ। ଅପଗ୍ରେଡ୍ ହେବ ଭାରତର ନାବିକ ସାଟେଲାଇଟ୍ । ଆଜି ସକାଳ ୬ଟା ୨୩ରେ ନାବିକ୍-ଟୁ ମିଶନ ଲଞ୍ଚ ହୋଇଛି। ଶ୍ରୀହରିକୋଟାରୁ ଜିଏସଏଲଭି ରକେଟ ମାଧ୍ୟମରେ ଏହାକୁ ମହାକାଶକୁ ପଠାଯାଇଛି। ନାବିକ୍ ସିଷ୍ଟମ ପାଇଁ ଏହି ସାଟେଲାଇଟକୁ ମହାକାଶରେ ଅବସ୍ଥାପିତ କରାଯିବ। ନାଭିକ ହେଉଛି ଭାରତର ରିଜିଓନାଲ ନାଭିଗେସନ ସାଟେଲାଟ୍ ସିଷ୍ଟମ। ଏହା ଆମେରିକାର ଜିପିଏସ୍ ଭଳି କାର୍ଯ୍ୟ କରେ। କାରଗିଲ ଯୁଦ୍ଧ ବେଳେ କାଶ୍ମୀରର ଦୁର୍ଗମ ପାର୍ବତ୍ୟାଞ୍ଚଳରେ ଜିପିଏସ୍ କାର୍ଯ୍ୟକ୍ଷମ ହୋଇନପାରିବାରୁ ଭାରତୀୟ ସେନାକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହାପରେ ଭାରତ ସରକାର ଦେଶର ନିଜସ୍ୱ ଜିପିଏସ୍ ପ୍ରଚଳନ ପାଇଁ ନିଷ୍ପତ୍ତି ନେଇଥିଲେ। ୧୯୯୯ ମସିହାରେ ନାବିକ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାକୁ ୨୦୧୩ରେ ଉତକ୍ଷେପଣ କରାଯାଇଥିଲା। ଆଜି ଏହି ଉପଗ୍ରହର ଅଧିକ ଉନ୍ନତ ଓ ବିକଶିତ

▶▶ପୃଷ୍ଠା ୭

# ଆରପାରିରେ ନିର୍ଦ୍ଦେଶକ ବୃନ୍ଦାବନ ଜେନା



କଟକ, ୨୯/୧(ନି.ପ୍ର) : ଆରପାରିଲେ ବିଶିଷ୍ଟ ଗୀତିକାର ତଥା ନିର୍ଦ୍ଦେଶକ ବୃନ୍ଦାବନ ଜେନା। କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ସେ ଏକାଧାରାରେ ଥିଲେ ଜଣେ ଗୀତିକାର, ସିନେମା ନିର୍ଦ୍ଦେଶକ ଓ ସଂଳାପକାର। ତାଙ୍କ ବିୟୋଗରେ ଓଡ଼ିଶା ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳି ଯାଇଛି। ସ୍ୱର୍ଗତ ବୃନ୍ଦାବନ ଜେନା ୩୦ଟି ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଛନ୍ତି। ୮ଟି ଫିଲ୍ମ ପାଇଁ ଡାଇଲଗ୍ ଲେଖିଛନ୍ତି। ସେ ଜାତୀୟ ପୁରସ୍କାର ପ୍ରାପ୍ତ ସିନେମା 'ଶାସ୍ତି' ଓ 'ବାଟଅବାଟ'ର ନିର୍ଦ୍ଦେଶନା ଦେଇଛନ୍ତି। ସେ 'ବନ୍ଧୁ ମହାନ୍ତି', 'ଅମର ପ୍ରେମ', 'ଘର ସଂସାର' ଓ 'ଧରିତ୍ରୀ' ପରି ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଛନ୍ତି। ତାଙ୍କ ରଚିତ ହୃଦୟ ଛୁଆଁ ସିନେମା ଗୀତ ହେଉଛି- ଏମିତି ରାତି ସେ ଯେ ଅଭୁଲା ସ୍ମୃତି..., ମୋ ପ୍ରିୟାଠାରୁ ଆଉ କିଏ ଅଧିକ ସୁନ୍ଦର... ଓ ବନ ପକ୍ଷୀ ଝୁରେରେ ପିରତୀ ତୋର...। ଯାହାକୁ ଆଜି ମଧ୍ୟ ସିନେ ପ୍ରେମୀ ହୃଦୟରେ ସାଇତି ରଖିଛନ୍ତି। ସ୍ୱର୍ଗତ ବୃନ୍ଦାବନ ଜେନା ଛାନ୍ଦ, ଚୌପଦୀ, ଭଜନ, ଜଣାଣ ଆଦି ବୋଲିବା ଶିଖିଛନ୍ତି।

▶▶ପୃଷ୍ଠା ୭

# ଦିଲ୍ଲୀରେ କଂଗ୍ରେସ ଘୋଷଣା କଲା ନିର୍ବାଚନୀ ଇସ୍ତାହାର




ନୂଆଦିଲ୍ଲୀ, ୨୯/୧ : ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ରାଜଧାନୀ ଦିଲ୍ଲୀରେ ଉତ୍ତେଜନା ମଧ୍ୟରେ କଂଗ୍ରେସ ନିଜର ଇସ୍ତାହାର ଜାରି କରିଛି । କଂଗ୍ରେସ ନିଜ ଇସ୍ତାହାରରେ ମହିଳା ଓ ଯୁବକଙ୍କ ପାଇଁ ଅନେକ ପ୍ରତିଶ୍ରୁତି ଦେଇଛି । ପ୍ରତି ଗରିବ ପରିବାରର ଜଣେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା ଦିଆଯିବ ବୋଲି କଂଗ୍ରେସ କହିଛି । କଂଗ୍ରେସ ଇସ୍ତାହାରରେ ୱାକଫ୍ ବୋର୍ଡ ପାଇଁ ସବୁଠାରୁ ବଡ଼ ଘୋଷଣା କରାଯାଇଛି। କଂଗ୍ରେସ ଇସ୍ତାହାରରେ କୁହାଯାଇଛି ଯେ ସେମାନେ ଏକ ୱାକଫ୍ ବୋର୍ଡ ଗଠନ କରିବେ ଏବଂ ଇମାମମାନଙ୍କୁ ଠିକ୍ ସମୟରେ ଭତ୍ତା ଦେବେ । ସଂଖ୍ୟାଲଘୁଙ୍କ ଉପରେ ଗୁରୁତ୍ୱ ଦିଆଯିବ ବୋଲି କଂଗ୍ରେସ ନିଜ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି । ୧୦୦ ଟି ଇନ୍ଦିରା କ୍ୟାଣ୍ଟିନ ଖୋଲିବା ସହ ୫ ଟଙ୍କାରେ ଖାଦ୍ୟ ଯୋଗାଇବାକୁ କହିଛି କଂଗ୍ରେସ। କଂଗ୍ରେସ ୫୦୦ ଟଙ୍କାରେ ଏଲପିଜି ସିଲିଣ୍ଡର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛି । ପ୍ରତି ମାସରେ ୫ କେଜି ଚାଉଳ, ୨ କେଜି ଚିନି, ୧ କେଜି ରୋଷେଇ ତେଲ, ୬ କେଜି ଡାଲି, ୨୫୦ ଗ୍ରାମ ଚା' ପତ୍ର ଓ ମାଗଣା ରାସନ କିଟ୍ ଦିଆଯିବ ବୋଲି ଦଳ କହିଛି। ପ୍ରତି ଗରିବ ପରିବାରର ଜଣେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା ଦିଆଯିବ। ଆମେ କର୍ଣ୍ଣାଟକରେ ଏହି ଯୋଜନା କାର୍ଯ୍ୟକାରୀ କରିଛୁ, ଦିଲ୍ଲୀରେ ମଧ୍ୟ କରିବୁ । ଦିଲ୍ଲୀର ସମସ୍ତ ବାସିନ୍ଦାଙ୍କୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି କଂଗ୍ରେସ ପ୍ରତିଶ୍ରୁତି ଦେଇଛି । ଏଥିରେ ମାଗଣା ଔଷଧ ଓ ପରୀକ୍ଷା ମଧ୍ୟ ରହିବ। ସରକାରୀ ହେଉ କି ବେସରକାରୀ ସମସ୍ତ ବେକାର ଯୁବକଯୁବତୀଙ୍କୁ କଂଗ୍ରେସ ଏକ ବର୍ଷର ଆପ୍ରେଣ୍ଟିସିପ୍ ପ୍ରଦାନ କରିବ ଏବଂ ଏହି ସମୟରେ ସେମାନଙ୍କୁ ମାସିକ ୮,୫୦୦ ଟଙ୍କା ମିଳିବ । କର୍ଣ୍ଣାଟକରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି , ଦିଲ୍ଲୀରେ ମଧ୍ୟ ହେବ ବୋଲି କହିଛି କଂଗ୍ରେସ।

# ସରିଲା ଶୀତ, ଆଜିଠୁ କଲବଲ କରିବ ଖରା: ସବୁ ଜିଲ୍ଲାରେ ବୃଦ୍ଧି ପାଇବ ତାପମାତ୍ରା



ଭୁବନେଶ୍ୱର, ୨୯/୧(ନି.ପ୍ର) : ସରିଲା ଶୀତ, କାଲିଠୁ କଲବଲ କରିବ ଖରା । ରାଜ୍ୟରୁ ଶୀତ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଆସନ୍ତାକାଲିଠୁ ଖରା ବଢ଼ିବ। ସପ୍ତାହେ ଯାଏ ଗରମ ସହ ଟାଇଁ ଟାଇଁ ଖରାରୁ ନିସ୍ତାର ନାହିଁ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଆସନ୍ତାକାଲି ଠାରୁ ସମସ୍ତ ଜିଲ୍ଲାରେ ତାପମାତ୍ରା ବଢ଼ିବା ସହ ଗରମ ଅନୁଭବ ହେବ। ଏବେ ରାଜ୍ୟରେ ସ୍ୱାଭାବିକ ଠାରୁ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଆଗାମୀ ୪ରୁ ୫ ଦିନ ଯାଏଁ ଦିନ ଏବଂ ରାତି ତାପମାତ୍ରା ଅଧିକ ରହିବ । ଆଜି ରାଜ୍ୟର ଅଧିକାଂଶ ସହରରେ ତାପମାତ୍ରା ବଢ଼ିଛି । ସେପଟେ ତାପମାତ୍ରା ବୃଦ୍ଧି ସହ ଆସନ୍ତା ୪୮ ଘଣ୍ଟା ଯାଏ ଅସ୍ତବ୍ୟସ୍ତ କରିବ ଘନ କୁହୁଡି । ଆସନ୍ତା ୨୪ ଘଣ୍ଟାରେ ୨୪ ଜିଲ୍ଲାରେ ଘନ କୁହୁଡ଼ି ହେବା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି । ମାଲକାନଗିରି, କୋରାପୁଟ,ରାୟଗଡା,ଗଜପତି ଗଂଜାମ ,କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଢେଙ୍କାନାଳ, ଅନୁଗୁଳ, ଯାଜପୁର ଦେଓଗଡ, ସମ୍ବଲପୁର ଓ କେନ୍ଦୁଝର ଜିଲ୍ଲାକୁ ସତର୍କ କରିଛି ପାଣିପାଗ ବିଭାଗ । ୩୧ ତାରିଖରେ ଉପକୂଳ ଓଡିଶାରେ ହାଲୁକାରୁ ମଧ୍ୟମ ଧରଣର

▶▶ପୃଷ୍ଠା ୭

# ମହିଳାଙ୍କ ପାଇଁ ହେବ ଇଣ୍ଡଷ୍ଟ୍ରିଆଲ ପାର୍କ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୯/୧(ନି.ପ୍ର) : ରାଜ୍ୟରେ ମହିଳାଙ୍କ ପାଇଁ ହେବ ଇଣ୍ଡଷ୍ଟ୍ରିଆଲ ପାର୍କ । ଭୁବନେଶ୍ୱରର ଜନତା ମୈଦାନରେ ଚାଲିଥିବା ଉତ୍କର୍ଷ ଓଡ଼ିଶାର ଆଜି ଦ୍ୱିତୀୟ ଦିନରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଇପିକଲରେ ମହିଳା ନିବେଶକଙ୍କ ପାଇଁ ଖୋଲିବ ସ୍ୱତନ୍ତ୍ର ସେଲ୍ । ଉତ୍କର୍ଷ ଓଡ଼ିଶାର ଆଜି ହେବ ୩୦ଟି ଗଡଂଟ । ଏନେଇ ଏମଓୟୁ ପ୍ରସ୍ତୁତ ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଏଥିରେ ସ୍ୱାକ୍ଷର କରିବେ ବୋଲି ସୂଚନା ଦେଇଛନ୍ତି ଶିଳ୍ପ ସଚିବ ହେମନ୍ତ ଶର୍ମା । ଅପରପକ୍ଷେ ୩ ଲକ୍ଷ କୋଟି ଟଙ୍କାର ୩୦ଟି ଗଡଂଟ ସ୍ୱାକ୍ଷରିତ ହେବ । ଏନର୍ଜୀ, ଫୁଡ୍ ପ୍ରୋସେସିଂ, ଟୁରିଜିମ କ୍ଷେତ୍ରରେ ହେବ ଏମଓୟୁ। ରାଜ୍ୟ ସରକାର ଶହେରୁ ଅଧିକ ଏମଓୟୁ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ସଂଖ୍ୟା ଆହୁରି ଅଧିକ ହେବ ବୋଲି ଆଶା କରାଯାଉଛି। ନବୀକରଣୀୟ ଶକ୍ତି ଯଥା ଗ୍ରୀନ୍ ହାଇଡ୍ରୋଜେନ ଓ ସୌରଶକ୍ତି, ଟେକ୍ସଟାଇଲ, କୃଷି ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ ବିକାଶ, ହେଲଥ କେୟାର ଆଦି ଶିଳ୍ପ ଉପରୁ ଅନେକ ଆଶା ରଖିଛନ୍ତି ରାଜ୍ୟ ସରକାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତରେ ଉଦଘାଟିତ ଏ ଶିଳ୍ପ ମହାକୁମ୍ଭରେ ଏପର୍ଯ୍ୟନ୍ତ ରାଜ୍ୟକୁ ସାଢ଼େ ୪ ଲକ୍ଷ କୋଟିର ପୁଞ୍ଜି ନିବେଶ ପ୍ରସ୍ତାବ ଆସି ସାରିଛି। ଅନ୍ୟପଟେ ଆହୁରି ଚମକିବ ଓଡ଼ିଶାର ପର୍ଯ୍ୟଟନ ।

▶▶ପୃଷ୍ଠା ୭

# ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲାସ୍ତରୀୟ ବେଟି ବଚାଓ ଓ ବେଟି ପଢ଼ାଓ କାର୍ଯ୍ୟକ୍ରମ

ମାଲକାନଗିରି, ୨୯/୧ (ନି.ପ୍ର): ୧୦ ବର୍ଷ ପୂର୍ତି ଉପଲକ୍ଷେ ଜିଲ୍ଲା ସ୍ତରୀୟ ବେଟି ବଚାଓ ଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି।ମାଲକାନଗିରି ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ଓ ଜିଲ୍ଲା ପ୍ରଶାସନ ମାଲକାନଗିରିର ମିଳିତ ଅନୁକୂଲ୍ୟରେ ୧୦ ବର୍ଷ ପୂର୍ତି ଉପଲକ୍ଷେ ଜିଲ୍ଲା ସ୍ତରୀୟ ବେଟି ବଚାଓ ଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଓ ଜାତୀୟ ଶିଶୁ କନ୍ୟା ଦିବସ ୨୦୨୫ ଉଦଘାଟିତ ହୋଇଯାଇଅଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଓ ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଦେଶ ଓ ପ୍ରଦେଶ ମାନଙ୍କରେ ଅନେକ ପରିବର୍ତନ ଆସିଥିଲେମଧ ନାରୀଶିକ୍ଷା ଓ ସାମାଜିକ ବ୍ୟବସ୍ଥା ମଧ୍ୟରେ ନାରୀର ଗୁରୁତ୍ୱ କେଉଁଠି ନା କେଉଁଠି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିପାଇଁ ବ୍ୟବସ୍ଥାଗତ ପରିବର୍ତନ ଓ ଝିଅ ମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାର ଆହ୍ୱାନ ନେଇ ଜିଲ୍ଲା ସ୍ତରୀୟ ବେଟି ବଚାଓ ଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଓ ଜାତୀୟ ଶିଶୁ କନ୍ୟା ଦିବସ ୨୦୨୫ ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ଆସିଥିବା ୩୫୦ ରୁଅଧିକ କିଶୋରୀ, ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ନେଇ ଜିଲ୍ଲାସଦର ମହୁକୁମାସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଏକ ସଚେତନତା ଭିତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ କାର୍ଯ୍ୟାଳୟରୁ ଏକ ବିଶାଳ ପଦଯାତ୍ରା ୨୫୦ ରୁ ଅଧିକ ଛାତ୍ରୀ ମାନଙ୍କୁ ନେଇ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କ କରକମଳରେ ଉଦ୍ଘାଟିତହୋଇ ଜିଲ୍ଲା ସଂସ୍କୃତି ଭବନ ପର୍ଯ୍ୟନ୍ତ ଆସିଥିଲା।ଏହି ଉପଲକ୍ଷେ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତି, ନିମନ୍ତ୍ରିତ ଅତିଥି ଓ ଛାତ୍ରୀ ମାନଙ୍କର ଏକ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୁବ ବିଧାୟକ ମାଲକାନଗିରି ନରସିଂହ ମାଡକାମୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମାଲକାନଗିରି ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) ମାଲକାନଗିରି ବେଦବର ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସି.ଏଚ. ଜଗନ୍ନାଥ ରାଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଶ୍ରୀ ତେରେସ୍ଲୋଭା ମଲ୍ଲିକ, ଶିଶୁ ମଙ୍ଗଳ ସମିତିର ଅଧକ୍ଷ୍ୟା ଶ୍ରୀମତୀ ସଂଯୁକ୍ତା ପ୍ରଧାନ ଯୋଗଦାନ କରି ବାଳିକା ମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ , ସୁରକ୍ଷା, ଉନ୍ନତି ଓ ସହଭାଗିତା ପାଇଁ ସମସ୍ତସ୍ତରରେ ପ୍ରୋତ୍ସାହନ, ସହଯୋଗିତା, ସରକାରୀ ଉଦ୍ୟମ ଓ ରାଜନୈତିକ ପୃଷ୍ଟପୋଷକତାର ଆବଶ୍ୟକତା ସଂଗେସଂଗେ ସାମାଜିକ ଭିତିଭୂମି ଓ ମାନସିକତାର ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ସଭା ପରିଚାଳନା କରିଥିଲେ। ଜିଲ୍ଲାର ବିଭିନ୍ନ ଶିକ୍ଷ୍ୟା ଅନୁଷ୍ଠାନରୁ ଆସିଥିବା କିଶୋରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ସର୍ବୋଚ୍ଚ ନମ୍ବରରଖି ଉତୀର୍ଣ୍ଣ ହୋଇଥିବା ୬ ଜଣ କିଶୋରୀ, ଜାତୀୟ ଓ ରାଜ୍ୟ ସ୍ତରୀୟ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ୩ ଜଣ କିଶୋରୀ ଓ ସାମାଜିକ ବ୍ୟବସ୍ଥାର ପରିବର୍ତନର ଆହ୍ୱାନକୁ ସଫଳତାରସହ ସାମ୍ନା କରିଥିବା ୩ ଜଣ କିଶୋରୀଙ୍କୁ ପ୍ରତ୍ୟକକରି ୫୦୦୦ କରି ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲାରେ ନାରୀ ଶିକ୍ଷାର ଅଗ୍ରଗତି, ବାଲ୍ୟ ବିବାହର ପ୍ରତିରୋଧ, ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ଓ ଜିଲ୍ଲାର ପ୍ରତେକ ଗ୍ରାମ ପଂଚାୟତକୁ ଶିଶୁ ସୁଲଭ କରିବାର ବାର୍ତାଦେଇ, କାର୍ଯ୍ୟକ୍ରମକୁ ପରିସମାପ୍ତି ଘୋଷଣା କରାଯାଇଥିଲା।

ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତା, ସମାଜ ମଙ୍ଗଳ ଅଧିକାରୀଙ୍କ ବିଭାଗର ସମସ୍ତ ପଦାଧିକାରୀ, ଶିଶୁ ମଙ୍ଗଳ ସମିତିର ସମସ୍ତ ସଦସ୍ୟ, ଶିଶୁ ଗୃହର କର୍ମକର୍ତା, ପର୍ଯ୍ୟ ବେକ୍ଷଣ ଓ ସ୍ୱଂତନ୍ତ୍ର ଆବାସର ଅଧିକ୍ଷକ ଓ ଶିଶୁ ସହାୟକ ନମ୍ବରର ସମସ୍ତ କର୍ମକର୍ତା ଓ ଜିଲ୍ଲାର ବିଭିନ୍ନ ଖବର ସରବରାହ ଅନୁଷ୍ଠାନର ଅଧିକାରୀ ବୃନ୍ଦ ଯୋଗ ଦେଇଥିଲେ।

# ଜାରକା ମିଶନ ଶକ୍ତି ଗୃହରୁ ଚୋରି ନେଇ ପୋଲିସରେ ଅଭିଯୋଗ

ଧର୍ମଶାଳା, ୨୯/୧ (ନି.ପ୍ର): ଦିନକୁ ଦିନ ଯାଜପୁର ଜିଲା ଧର୍ମଶାଳା ଥାନା ଅଂଚଳରେ ଅସାମାଜିକ କାର୍ଯ୍ୟକଳାପ ବଢିବାରେ ଲାଗିଛି । ପୋଲିସ ରାଜନୈତିକ ଚାପରେ କାର୍ଯ୍ୟାନୁଷ୍ଠାନ ନ ନେବା ଫଳରେ ଏଭଳି ବାରମ୍ବାର ଘଟଣା ଘଟୁଥିବା ସାଧାରଣରେ ଅଭିଯୋଗ ହୋଇଛି । ଫଳରେ ସ୍ଥାନୀୟ ଜନସାଧାରଣ ଧର୍ମଶାଳା ଅଂଚଳକୁ ଆସିବାକୁ ଅସୁରକ୍ଷିତ ମଣୁଛନ୍ତି । ଏନେଇ ଅଂଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି ।

ଯାଜପୁର ଜିଲା ଧର୍ମଶାଳା ଥାନା ଅଂଚଳ ଏବେ ଅସୁରକ୍ଷିତ ହୋଇପଡିଛି । ଗଲା କିଛି ଦିନ ହେବ ଥାନା ଅଂଚଳରେ ଚୋରି ଡକାୟତି ଓ ଠିକାଦାରଙ୍କୁ ଦିନ ଦ୍ୱିପ୍ରହରରେ ମାଡ ମାରି ଘଟଣା ସହ, ଏକ ମାସ ମଧ୍ୟରେ ୫୦ରୁ ଅଧିକ ସଙ୍ଗିନ ଅଭିଯୋଗ ଥାନାରେ ଅଭିଯୋଗ ହୋଇଛି । ତେବେ ପୋଲିସ ଦୃର୍ବୃତଙ୍କ ଟେର ନ ପାଇବା ଓ ଅଭିଯୁକ୍ତଙ୍କ ବିରୋଧରେ ସେପରି କିଛି ପଦକ୍ଷେପ ନ ନେବାରୁ ଘଟଣା ଦିନକୁ ଦିନ ବଢି ଚାଲିଛି । ପୁଣି ଗତକାଲି ଥାନା ଅଧିନରେ ଥିବା ଜାରକା ମିଶନ ଶକ୍ତି ଗୃହରେ କେହି ଦୃର୍ବୃତ ତାଲା ଭାଙ୍ଗି ବହୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଲୁଟି ନେଇଥିବା ନେଇ ମିଶନ ଶକ୍ତି ପକ୍ଷରୁ ଜାରକା ବିଟ୍ ହାଉସରେ ଅଭିଯୋଗ ହୋଇଛି । ପୋଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ କରିଛି । ତେବେ ଗଲା କିଛି ଦିନ ହେବ ଅଂଚଳରେ ମନ୍ଦିର ଓ ବାସଗୃହରୁ ଚୋରି ଏବଂ ରାସ୍ତାରେ ଲୁଟ ସଂଖ୍ୟା ବଢି ଚାଲିଛି । ଅନ୍ୟପକ୍ଷରେ ପୋଲିସ ରାଜନୈତିକ ଚାପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଏଭଳି ଘଟଣା ବଢି ଚାଲିଛି । ଫଳରେ ଧର୍ମଶାଳା ଓ ଜାରକା ଅଂଚଳକୁ ଆସୁଥିବା ଜନସାଧାରଣ ଭୟଭିତ ହୋଇପଡୁଛନ୍ତି । ଏ ଦିଗରେ ଜିଲା ପ୍ରଶାସନ ତୁରନ୍ତ ଅଂଚଳ ପ୍ରତି ଦୃଷ୍ଟି ନ ନେଲେ ଆଗକୁ ଭୟଙ୍କ ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ରହିଥିବା ନେଇ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୩ ବର୍ଷର ଶିଶୁପୁତ୍ରକୁ ହତ୍ୟା

କେନ୍ଦୁଝର, ୨୯/୧ (ନି.ପ୍ର): ପୂର୍ବ ଶତୃତାକୁ କେନ୍ଦ୍ରକରି ଏକ ୩ବର୍ଷର ଶିଶୁପତ୍ରକୁ ହତ୍ୟା କରାଯିବା ଭଳି ଦୁଃଖଦ ଘଟଣା ଘଟିଯାଇଛି । ଘଟଣାସ୍ଥଳରେ ଅତିରିକ୍ତ ଏସପି, ମାଜିଷ୍ଟ୍ରେଟ ଓ ସାଇଂଟିଫିକ୍ ଟିମ୍ ପହଂଚିଛନ୍ତି । କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଖେଣ୍ଡରା ଠାରେ ଜଣେ ୩ ବର୍ଷର ଶିଶୁପୁତ୍ରକୁ ହତ୍ୟାକରି ଏକ ଖାତରେ ପକାଇଦେଇଥିବା ଖବର ମିଳିଛି। ସୂଚନା ଅନୁସାରେ, ଝୁମ୍ପୁରା ଥାନା ନହବେଡା ଗ୍ରାମର ଶ୍ରୀତମ ମୁଣ୍ଡା ତାଙ୍କ ଗ୍ରାମର ଚନ୍ଦନ ମୁଣ୍ଡା ସହିତ କୌଣସି କଥାକୁ ନେଇ ବିବାଦ ଥିଲା। ଏହାକୁ ନେଇ ଶ୍ରୀତମ ମୁଣ୍ଡା ରାଗ ରଖିଥିଲା ଏବଂ ପ୍ରତିଶୋଧର ବାହାନା ଖୋଜୁଥିଲା। ଗତ ରବିବାର ଦିନ ରାଗ ଜର୍ଜରିତ ହୋଇ ଶ୍ରୀତମ ମୁଣ୍ଡା ଚନ୍ଦନର ପୁଅ ଲକି ମୁଣ୍ଡା ନାମକ ୩ ବର୍ଷର ଶିଶୁ ପୁତ୍ରକୁ କୋଳି ଖାଇବା ବାହାନାରେ ଖେଣ୍ଡରାକୁ ଡ଼ାକିନେଇ ସେଠାରେ ଅମାନୁଷିକ ଭାବେ ଗୋଡ଼କୁ ଧରି ଶିଶୁ ଟିକୁ ପଥରରେ ପିଟି ହତ୍ୟା କରିବା ପରେ ପଥର ଖୋଲରେ ଫିଙ୍ଗି ଦେଇଥିଲେ। ଶନିବାର ଦିନ ପିଲାଟିକୁ ନପାଇ ଝୁମ୍ପୁରା ଥାନାରେ ପରିବାର ପକ୍ଷରୁ ନିଖୋଜ ଅଭିଯୋଗ ହୋଇଥିଲା। ପୋଲିସ ପକ୍ଷରୁ ତଦନ୍ତ ପରେ ଶ୍ରୀତମ ମୁଣ୍ଡାକୁ ଥାନାକୁ ଆଣି ଜେରା ସମୟରେ ଅଭିଯୁକ୍ତ ହତ୍ୟା ସମ୍ପର୍କରେ ସୂଚନା ଦେବାରୁ ଆଜି ସକାଳେ ମୃତଦେହ ଠାବ ହୋଇଛି। ଅତିରିକ୍ତ ଏସପି, ମାଜିଷ୍ଟ୍ରେଟ, ପୋଲିସ, ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଁଚି ତଦନ୍ତ ଚଲାଇଛନ୍ତି। ଘଟଣାଟି ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି।

# ସୁବର୍ଣ୍ଣପୁର ସରକାରୀ ବହୁବୃତି ଶିକ୍ଷାନୁଷ୍ଠାନଠାରେ ନିଯୁକ୍ତିମେଳା ଅନୁଷ୍ଠିତ

ସୁବର୍ଣ୍ଣପୁର, ୨୯/୧ (ନି.ପ୍ର): ଆଜି ସୁବର୍ଣ୍ଣପୁର ସରକାରୀ ବହୁବୃତି ଶିକ୍ଷାନୁଷ୍ଠାନ ଠାରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ତରଫରୁ ଏକ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ସଂଜୁ କୁମାରୀ ସାହୁଙ୍କ ଅଧକ୍ଷତା ତଥା ପରିଚାଳନାରେ ଅନୁଷ୍ଠିତ ଏହି ନିଯୁକ୍ତିମେଳାରେ ବିଧାୟକ ବୀରମହାରାଜପୁରଙ୍କ ପ୍ରତିନିଧି ଶ୍ରୀ ସ୍ୱରୂପ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ଶ୍ରୀ ନୃସିଂହ ପୃଷ୍ଟି ଓ ଶ୍ରୀ ପଦ୍ମଲୋଚନ ବେହେରା, ବରିଷ୍ଠ ଅଧାପକ, ସରକାରୀ ପଲିଟେକନିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠିତ ଏହି ମେଳାରେ ଆବି ଓ୍ୱେଷ୍ଟ, ସେଫ ଏଜୁକେଟ, ଗୋକଲ ଦାସ ପ୍ରାଇଭେଟ ଲିମିଟେଡ଼, ସାହି ଏକ୍ସପୋର୍ଟ, ପିପୁଲସ ଫୋରମ, ଏସ ବି ଆଇ ଲାଇଫ, ଏଲ ଆଇ ସି ଅଫ ଇଣ୍ଡିଆ, ଆର ଏସ ଇ ଟି ଆଇ, ପିପୁଲ ମନ୍ତ୍ରା, ନେସନାଲ କେରିଅର ସର୍ଭିସ, ଏନ ସି ଏ ଟି ସ୍କିଲ୍, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ଇ- ସୁବିଧା, ପ୍ରଭୃତି ପ୍ରମୁଖ କର୍ମସଂସ୍ଥାନ ସଂସ୍ଥା କରି ମେଳାରେ ଯୋଗଦାନ କରିଥିବା ୪୨୨ ଜଣ ବେରୋଜଗାର ଯୁବକ ଯୁବତୀଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଶେଷରେ ଶ୍ରୀ ସନ୍ତୋଷ ବେହେରା କନିଷ୍ଠ ନିୟୋଜନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଶନ ଶକ୍ତିର ଇସି ସଦସ୍ୟଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୨୯/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଥିବା ମିଶନ ଶକ୍ତିର ତୃଣମୂଳ ସ୍ତରର କାର୍ଯ୍ୟକର୍ତା ଇସି ସଦସ୍ୟଙ୍କ ସ୍ଥାୟୀ ନିଯୁକ୍ତି ଓ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ମିଶନ ଶକ୍ତି ଇସି ସଦସ୍ୟମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇ ଭାରତୀୟ ଶ୍ରମ ସମ୍ମିଳନୀ ର ୪୫ ଓ ୪୬ ପ୍ରସ୍ଥାପନା ଭିତିରେ ଓ୍ୱାର୍କର ମାନ୍ୟତାର ସୁପାରିଶକୁ କାର୍ଯ୍ୟକାରୀ କରାଯାଉ । ମିଶନଶକ୍ତି ଇସି ସଦସ୍ୟମାନଙ୍କୁ ମାସିକ ମାନଦେୟ ସରକାରଙ୍କ ଦ୍ୱାରା ଘୋଷିତ କୁଶଳୀ ଶ୍ରମିକର ସର୍ବନିମ୍ନ ମଜୁରୀ ହାରରେ ପ୍ରଦାନ କରାଯାଉ । ଜି.ପି.ଏଲ୍.ଏଫ୍.ର ଇସି ପିଛା ହାରରେ ଭତା ପ୍ରଦାନ କରାଯାଉ। ଇସି ସଦସ୍ୟମାନଙ୍କୁ ବରିଷ୍ଠତା ଭିତିରେ ପଦୋନ୍ନତି ଦେବାର ବ୍ୟବସ୍ଥା କରାଯାଉ । ମିଶନ ଶକ୍ତି ଇସି ସଦସ୍ୟମାନଙ୍କ କାର୍ଯ୍ୟକାଳ ୬୫ ବର୍ଷ ଧାର୍ଯ୍ୟ କରାଯାଉ ।

# ଜାରକା ମିଶନ ଶକ୍ତି ଗୃହରୁ ଚୋରି ନେଇ ପୋଲିସରେ ଅଭିଯୋଗ : ଅଶାନ୍ତ ହେଉଛି ଧର୍ମଶାଳା

ଧର୍ମଶାଳା, ୨୯/୧ (ନି.ପ୍ର): ଦିନକୁ ଦିନ ଯାଜପୁର ଜିଲା ଧର୍ମଶାଳା ଥାନା ଅଂଚଳରେ ଅସାମାଜିକ କାର୍ଯ୍ୟକଳାପ ବଢିବାରେ ଲାଗିଛି । ପୋଲିସ ରାଜନୈତିକ ଚାପରେ କାର୍ଯ୍ୟାନୁଷ୍ଠାନ ନ ନେବା ଫଳରେ ଏଭଳି ବାରମ୍ବାର ଘଟଣା ଘଟୁଥିବା ସାଧାରଣରେ ଅଭିଯୋଗ ହୋଇଛି । ଫଳରେ ସ୍ଥାନୀୟ ଜନସାଧାରଣ ଧର୍ମଶାଳା ଅଂଚଳକୁ ଆସିବାକୁ ଅସୁରକ୍ଷିତ ମଣୁଛନ୍ତି । ଏନେଇ ଅଂଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ଯାଜପୁର ଜିଲା ଧର୍ମଶାଳା ଥାନା ଅଂଚଳ ଏବେ ଅସୁରକ୍ଷିତ ହୋଇପଡିଛି । ଗଲା କିଛି ଦିନ ହେବ ଥାନା ଅଂଚଳରେ ଚୋରି ଡକାୟତି ଓ ଠିକାଦାରଙ୍କୁ ଦିନ ଦ୍ୱିପ୍ରହରରେ ମାଡ ମାରି ଘଟଣା ସହ , ଏକ ମାସ ମଧ୍ୟରେ ୫୦ରୁ ଅଧିକ ସଙ୍ଗିନ ଅଭିଯୋଗ ଥାନାରେ ଅଭିଯୋଗ ହୋଇଛି । ତେବେ ପୋଲିସ ଦୃବୃତଙ୍କ ଟେର ନ ପାଇବା ଓ ଅଭିଯୁକ୍ତଙ୍କ ବିରୋଧରେ ସେପରି କିଛି ପଦକ୍ଷେପ ନ ନେବାରୁ ଘଟଣା ଦିନକୁ ଦିନ ବଢି ଚାଲିଛି ।

# ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ ମହିଳାଙ୍କ ଯୌନ ନିର୍ଯ୍ୟାତନା ଅଭିଯୋଗ

କୋରେଇ, ୨୯/୧ (ନି.ପ୍ର): ଯାଜପୁର ଜିଲ୍ଲା ପୁଲିସରେ କାର୍ଯ୍ୟରତ ଜଣେ ପୁଲିସ ସବଇନିସପେକ୍ଟରଙ୍କ ବିରୁଦ୍ଧରେ ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣିଛନ୍ତି ଜଣେ ମହିଳା ।

ପ୍ରକାଶ ଯେ, ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଧିନସ୍ଥ ଆମ୍ବସୌରୀ ଗ୍ରାମର ମଧୁସ୍ମିତା ନାୟକ(୨୪)ଙ୍କର ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ନଛିପୁର ଗ୍ରାମର ହଟକିଶୋର ସାମନ୍ତରାୟଙ୍କ ପୁଅ ଅମରେନ୍ଦ୍ରଙ୍କ ସହିତ ବୈଦିକ ରୀତିରେ ବିବାହ ହୋଇଥିଲା । କିନ୍ତୁ, ଅମରେନ୍ଦ୍ର ନିଶାସକ୍ତ ହୋଇ ମଧୁସ୍ମିତାଙ୍କୁ ପ୍ରତିଦିନ ମାଡ଼ ମାରିବା ସହିତ ପେଟ୍ରୋଲ ଢାଳି ଜୀବନରୁ ମାରିଦେବାକୁ ଉଦ୍ୟମ କରିବାରୁ ସେ ବାଧ ହୋଇ ନିଜ ବାପ ଘରେ ଆଶ୍ରୟ ନେଇଥିଲେ । ପରେ ଏ ନେଇ ୨୦୨୦ ମସିହାରେ ଚଣ୍ଡିଖୋଲ ଫାଣ୍ଡିରେ ସ୍ୱାମୀ ଅମରେନ୍ଦ୍ରଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ । ସେତେବେଳର ଫାଣ୍ଡି ଅଧିକାରୀ ତଥା ବର୍ତମାନ ଯାଜପୁର ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ସବଇନିସପେକ୍ଟର ଚିତ ରଂଜନ ଜେନା ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅମରେନ୍ଦ୍ରକୁ କୋର୍ଟଚାଲାଣ କରିଥିଲେ । ଏହା ପରେ ଚିତ ରଂଜନ ନିଜ ଝିଅ ବୟସର ମଧୁସ୍ମିତାଙ୍କ ଅଭିଯୋଗ ପତ୍ରରେ ଥିବା ମୋବାଇଲ ନମ୍ବରକୁ ବାରମ୍ବାର ଫୋନ କରି ପ୍ରେମ ନିବେଦନ କରିବା ସହିତ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ । ଉକ୍ତ ପ୍ରସ୍ତାବରେ ମଧୁସ୍ମିତା ରାଜି ନ ହେବାରୁ ଯଦି ସେ ନିବେଦନକୁ ଗ୍ରହଣ ନକରେ ତେବେ ସେ ଆତ୍ମହତ୍ୟା କରିବେ ଓ ସୁଇସାଇଡ଼ ନୋଟରେ ମଧୁସ୍ମିତାଙ୍କ ଲାଗି ଆତ୍ମହତ୍ୟା କରୁଛି ବୋଲି ଲେଖିଦେବି ବୋଲି ଧମକ ଦେଇଥଲେ । ଫଳରେ ଭୟଭୀତ ହୋଇ ସେ ଚିତ ରଂଜନଙ୍କ କଥାରେ ରାଜି ହୋଇଯାଇଥଲେ । ଏହା ପରେ ଚିତରଂଜନ ମଧୁସ୍ମିତାଙ୍କୁ ଚଣ୍ଡିଖୋଲ ସ୍ଥିତ ମହାବିନାୟକ ମନ୍ଦିରରେ ବିବାହ କରିବା ସହିତ ଚଣ୍ଡିଖୋଲରେ ଏକ ଘର ଭଡ଼ା ନେଇ ରହୁଥିଲେ । କିଛି ଦିନ ପରେ ମଧୁସ୍ମିତା ଜାଣିବାକୁ ପାଇଲେ ଯେ ଚିତରଂଜନ ପୂର୍ବରୁ ବିବାହିତ ଓ ତାଙ୍କର ସନ୍ତାନ ଅଛନ୍ତି । ଏହା ପରେ ମଧ ଚିତ ରଂଜନ ବାଲିଚନ୍ଦ୍ରପୁରର ଅନ୍ୟ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ମଧ ଦ୍ୱିତୀୟ ବିବାହ କରିଥିଲେ । ଏକଥା ଜାଣିବା ପରେ ଚିତରଂଜନଙ୍କୁ ପଚାରିବାରୁ ସେ ଏହାକୁ ନେଇ ମଧୁସ୍ମିତାଙ୍କ ସହିତ ଝଗଡ଼ା କରିବା ସହିତ ଶାରିରୀକ ନିର୍ଯ୍ୟାତନା ଦେବା ଆରମ୍ଭ କରିଦେଲେ । କିଛି ଦିନ ପରେ ମଧୁସ୍ମିତାଙ୍କ ସହିତ ସମ୍ପର୍କ ଛିନ୍ନ କରିଦେଲେ । ଯାହାକୁ ନେଇ ସେ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଥିଲେ । ପରେ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶାନୁସାରେ ଧର୍ମଶାଳା ଥାନାରେ ଚିତରଂଜନଙ୍କ ନାମରେ ଏକ ମାମଲା ମଧ ରୁଜୁ ହୋଇଥିଲା । କିନ୍ତୁ ପୁଲିସ ଭାଇ ଭାଇ ନୀତିରେ ଚିତରଂଜନଙ୍କୁ ଗିରଫ କରିବ କଣ ଓଲଟା ଘଂଟ ଘୋଡ଼ାଇବାକୁ ଚେଷ୍ଟା କଲା । ଫଳରେ ଜିଲ୍ଲା ପୁଲିସ ଉପରୁ ଆସ୍ଥା ହରାଇ ମଧୁସ୍ମିତା ଯାଜପୁର ଏସପିଙ୍କ ମାଧମରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିଜର ଅଭିଯୋଗ ପତ୍ର ପ୍ରଦାନ କରିବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ ଓ ଚିତରଂଜନକୁ ଚାକିରୀରୁ ବହିଷ୍କାର ସହିତ ଜେଲ ପଠାଇବାକୁ ମହାନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି । ଯଦି ପୁଲିସ ନ୍ୟାୟ ପ୍ରଦାନ ନକରେ ତେବେ ସେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଜଣାଇଛନ୍ତି ।

# ନାବାଳିକା ଅପହରଣକୁ ୨୫ ଦିନ ବିତିଲା: ମାମଲା ରୁଜୁ କରି ହାତ ବାନ୍ଧି ବସିଛି ପାଣିକୋଇଲି ପୁଲିସ

କୋରେଇ, ୨୯/୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତର ଜନୈକା ନାବାଳିକା ଝିଅର ଅପହରଣକୁ ୨୫ ଦିନ ବିତି ଯାଇଥିଲେ ମଧ ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ହାତ ବାନ୍ଧି ବସିଛି । ଯାହାକୁ ନେଇ ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନବାବାଚୀ ସୃଷ୍ଟି ହୋଇଛି । ଅଭିଯୋଗ ଅନୁଯାୟୀ, କରଦା ଗ୍ରାମର ସୁବାସ ବେହେରାଙ୍କ ନାବାଳିକା ଝିଅ ପ୍ରଭାତୀ (ଛଦ୍ମନାମ)୧୬ ବର୍ଷ ଚଳିତ ମାସ ୨ ତାରିଖ ସଂଧ୍ୟା ସମୟରେ ପଦାକୁ ଶୌଚ ହେବାକୁ ଆସିଥିବା ବେଳେ ଆଉ ଘରକୁ ଫେରିନଥିଲେ । ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ବହୁତ ଖୋଜା ଖୋଜି କରିବା ସହିତ ବଂଧୁ ବାନ୍ଧବ ଘର ସହିତ ମଧ ଯୋଗାଯୋଗ କରି କୌଣସି ସଂଧାନ ନ ପାଇବାରୁ ପରଦିନ ଅର୍ଥାତ ୩ ତାରିଖରେ ଥାନାରେ ଝିଅର ନିଖୋଜ ସଂମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏନେଇ ଏକ ମାମଲା ୫/୨୫ ରୁଜୁ କରି ତଦନ୍ତ ଜାରି ରଖିଥିଲା । କିନ୍ତୁ, ଘଟଣାର ଦଶ ଦିନ ପରେ ପରିବାର ଲୋକେ କୌଣସି ସୂତ୍ରରୁ ଖବର ପାଇଲେ ଯେ କରଦା ଛକରେ ଦୀର୍ଘଦିନ ଧରି ମାଛ ଦୋକାନ କରିଥିବା ଯାଜପୁର ସଦର ଥାନା ଅନ୍ତର୍ଗତ ସୁନିନ୍ଦା ଗ୍ରାମର ସୁରେନ୍ଦ୍ର ମହାଲିକଙ୍କ ପୁଅ ଟିକୁ ମହାଲିକ(୨୧) ତାଙ୍କ ଝିଅକୁ ଅପହରଣ କରି କୋଲକାତାରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରେ ରଖିଛି । ଏହି ବିଷୟରେ ପରିବାର ପକ୍ଷରୁ ଗତ ୧୬ ତାରିଖରେ ଥାନାରେ ଜଣାଇବା ପରେ ମଧ ପୁଲିସ କୌଣସି ତତ୍ପରତା ଦେଖାଉନାହିଁ । ନାମକୁ ମାତ୍ର ପୁଅର ବାପାକୁ ଥାନାକୁ ଡକାଇ ପଚରା ଉଚରା କରି ଛାଡି ଦେଇଛି ଏବଂ ମାମଲାକୁ ରଫାଦଫା କରିବାକୁ ନାବାଳିକାଙ୍କ ପରିବାର ଉପରେ ଚାପ ପକାଉଛି । ଅପହରଣକାରୀ ବିଷୟରେ ସମ୍ପୁର୍ଣ ତଥ୍ୟ ଦେଲା ପରେ ବି ପୁଲିସ ଚୁପ ହୋଇ ବସିଛି, ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ଆସ୍ଥା ହରାଉଛି ପୁଲିସ । ନାବାଳିକାଙ୍କ ପରିବାର ଝିଅ ଅପହରଣକୁ ନେଇ ୨୫ ଦିନ ହେଲା ଚିନ୍ତାରେ ଥିବାବେଳେ ପୁଲିସ ଅଦୃଶ୍ୟ ଚାପରେ ତଦନ୍ତକୁ ବାଟବଣା କରୁଛି ବୋଲି ଅଭିଯୋଗ ହେଉଛି । ପାଣିକୋଇଲି ପୁଲିସର ଏତାଦୃଶ କାର୍ଯ୍ୟକୁ ନେଇ ପରିବାର ଲୋକେ ଆଗାମି ଦିନରେ ଜିଲ୍ଲା ପୁଲିସ ମୁଖିଆଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ମିଳିଛି ।

## ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ

କେନ୍ଦ୍ରାପଡ଼ା, ୨୯/୧ (ନି.ପ୍ର): କେନ୍ଦ୍ରାପଡ଼ାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୁରୁକୁଳ ଆବାସିକ ଶିକ୍ଷା ନିକେତନରେ ୭୬ତମ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳିତ ହୋଇଯାଇଛି। କପାଳେଶ୍ୱର ଗ୍ରାମପଂଚାୟତର ପୂର୍ବତନ ସରପଂଚ ତଥା ଗୁରୁକୁଳ ଏଜୁକେଶନାଲ ଏଣ୍ଡ ଚାରିଟେବଲ ଟ୍ରଷ୍ଟର ନିର୍ଦ୍ଦେଶକ ଅଭିମନ୍ୟୁ ଗୋଛାୟତ ଜାତୀୟ ପତାକା ଉତୋଳନ କରିଥିଲେ। ଏହାପରେ ସ୍ଥାନୀୟ ବାଲିଯାତ୍ରା ପଡିଆରେ ୧୫ତମ ବାର୍ଷିକ କ୍ରୀଡାରେ ଦୌଡ଼, ସୂର୍ଯ୍ୟନମସ୍କାର, ଗୋଳାଫିଙ୍ଗା, ପୁଚି, ଦୌଡ଼ିଡିଆଁ, ବାଧା ଦୌଡ, କୁହୁକ ଖେଳ, ନୃତ୍ୟ ଭଳି ପ୍ରାୟ ୪୫ଟି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗୁରୁକୁଳ ପରିସରରେ ନିର୍ଦ୍ଦେଶକ ଶ୍ରୀ ଗୋଛାୟତଙ୍କ ସମେତ ବିଚିତ୍ର ମଲ୍ଲିକ, ଶିକ୍ଷକ ଖଗେଶ ଚନ୍ଦ୍ର କର, ଜ୍ୟୋତିର୍ମୟ କର, ବରାହ ଚନ୍ଦ୍ର ଦାସ, ବଳରାମ ବେହେରା, ତପନ ଦଳାଇ, ବନଜା ମହାନ୍ତି, ମାନସୀ ବେହେରା, ବଳରାମ ଦାସ, ତଫିକ ଖାଁ, ସାରଦା ପ୍ରସାଦ ନନ୍ଦ, ପ୍ରଶାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଭିଜୁଆଲ କଂଟେଟ ଭେରିଫିକେସନ ଉପରେ କର୍ମଶାଳା

ଜୟପୁର, ୨୯/୧ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଭିଜୁଆଲ କଂଟେଟ ଭେରିଫିକେସନ ଉପରେ ଏକ କର୍ମଶାଳା ୨୮ ଜାନୁଆରୀ ୨୦୨୫ ତାରିଖରେ ଏହାର ସୁନାବେଡା କ୍ୟାମ୍ପସ ରେ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଏବଂ ବିଶ୍ୱବିଦ୍ୟାଳୟର ଏନଏସଏସ ବ୍ୟୁରୋ ମିଳିତ ଆନୁକୂଲ୍ୟରେ ଏହି ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ର କଲ୍ୟାଣ (ଡିଏସ୍ଡବ୍ଲ୍ୟୁ)ର ଡିନ୍ ଡ. ରମେନ୍ଦ୍ର କୁମାର ପାଢ଼ୀ କର୍ମଶାଳା ପାଇଁ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭିଜୁଆଲ ବିଷୟବସ୍ତୁ ଯାଂଚ୍ ପାଇଁ ମୌଳିକ କୌଶଳ ଓ ଉପକରଣ ଶିଖିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

ମେଘାଳୟର ଶିଲଙ୍ଗ ସ୍ଥିତ ନର୍ଥ ଇଷ୍ଟର୍ଣ୍ଣ ହିଲ୍ ୟୁନିଭର୍ସିଟିର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ପ୍ରଫେସର ତଥା ଇଣ୍ଡିଆ ଟ୍ରେନିଂ ନେଟଓ୍ୱାର୍କ ଟ୍ରେନର ଗୁଗୁଲ ନ୍ୟୁଜ୍ ଇନିସିଏଟିଭ୍ ପ୍ରଫେସର ମାନସ ପ୍ରତୀମ ଗୋସ୍ୱାମୀ ଏବଂ ଏହି କର୍ମଶାଳାକୁ ରିସୋର୍ସ ପର୍ସନ ଭାବେ ପରିଚାଳନା କରିଥିଲେ। ଭିଜୁଆଲ କଂଟେଟ ଭେରିଫିକେସନ୍ ପାଇଁ ବିଭିନ୍ନ ଉପକରଣର ବ୍ୟବହାର ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କର୍ମଶାଳା ସମ୍ପର୍କରେ ନିଜର ସୂଚନା ପ୍ରଦାନ କରି ପାଠ୍ୟ, ଚିତ୍ର ଓ ଦୃଶ୍ୟକୁ କିପରି ଯାଂଚ୍ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଡିଜିଟାଲ ଯୁଗରେ ପ୍ରଫେସର ଗୋସ୍ୱାମୀ ଛାତ୍ରଛାତ୍ରୀ ଓ ଅଂଶଗ୍ରହଣକାରୀଙ୍କୁ ଭୁଲ ସୂଚନା, ମିଥ୍ୟା ସୂଚନା ଏବଂ ଅପପ୍ରଚାରର କ୍ଷତିକାରକ ପ୍ରଭାବ ବିଷୟରେ ସତର୍କ କରାଇଥିଲେ। ପ୍ରଫେସର ଗୋସ୍ୱାମୀ କହିଛନ୍ତି ଯେ ସୋସିଆଲ ମିଡିଆର ଆବିର୍ଭାବ ଏବଂ ଆମ ଜୀବନରେ ଏହାର ବଢୁଥିବା ପ୍ରଭାବ କୁ ଦୃଷ୍ଟିରେ ରଖି ଏହାକୁ ଫରଓ୍ୱାର୍ଡ କିମ୍ବା ସେୟାର କରିବା ପୂର୍ବରୁ ସମସ୍ତ ସୂଚନାକୁ କ୍ରସ୍ ଚେକ୍ କରିବା ଜରୁରୀ ହୋଇପଡିଛି । ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ମୁଖ୍ୟ ଡ. ନିଖିଲ କୁମାର ଗୌଡ଼ ସ୍ୱାଗତ ଭାଷଣ ଦେବା ସହ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବିଷୟବସ୍ତୁ ଯାଂଚ୍ ର ଆବଶ୍ୟକତା ଏବଂ ଗଣମାଧମ ଅଧ୍ୟାପକ ଏବଂ ସାମ୍ବାଦିକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଉପରେ ଡକ୍ଟର ଗୌଡ଼ ତାଙ୍କର ଅଭିଜ୍ଞତାକୁ ବର୍ଣ୍ଣନା କରିଥିଲେ । ଏନଏସଏସ ସଂଯୋଜକ ଡ. ଆଞ୍ଜନେଲୁ ଥୋଟାପଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଡ. ଗୁରଜିତ୍ ସିଂହ ଓ୍ୱାଲିଆ, ଡାକ୍ତର ପ୍ରଦୋଷ କୁମାର ରଥ, ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ସୁମିତ କୁମାର ବେହେରା, ଡ. ସୋନି ପାଢୀ, ଡ. ତଲତ ଜାହାଁ ବେଗମ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇ ଡିଜିଟାଲ୍ କଂଟେଟ ଭେରିଫିକେସନ୍ ଏବଂ ସୂଚନାର ସତ୍ୟତା ଯାଂଚ୍ ପାଇଁ ସଫ୍ଟୱେରର ପ୍ରୟୋଗର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ଦେଇଥିଲେ।

# ଯୁଗରୂପା ବିଦ୍ୟା ଭବନର ସୁବର୍ଣ୍ଣ ଜୟନ୍ତୀର ପ୍ରସ୍ତୁତି

କେନ୍ଦ୍ରାପଡ଼ା, ୨୯/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ପଂଚାୟତସ୍ଥିତ ପୁରାତନ ଶିକ୍ଷାନୁଷ୍ଠାନ ଯୁଗରୂପା ବିଦ୍ୟା ଭବନର ସୁବର୍ଣ୍ଣ ଜୟନ୍ତୀ ପାଇଁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ପ୍ରଭାସ ରଞ୍ଜନ ବିଶ୍ୱାଳଙ୍କ ଅଧକ୍ଷତାରେ ସଂସଦର ସମ୍ପାଦକ ଭାସ୍କର ଚନ୍ଦ୍ର ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସଂଗୃହୀତ ଅର୍ଥରାଶିର ହିସାବ ପ୍ରଦାନ କରିଥିଲେ । ପ୍ରାକ୍ତନ ଛାତ୍ର ତଥା ପରିବେଶବିତ୍ କାଶୀନାଥ ରାଉତରାୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସରସ ସୁନ୍ଦର ସହ ଏହାକୁ ତିନିଦିନ ବ୍ୟାପି ପାଳନ କରିବାର ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ରାଜ୍ୟ ଓଷ୍ଟାର ସମ୍ପାଦକ ଶିକ୍ଷକ ନେତା ପ୍ରଣବ କୁମାର ଜେନା ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇବା ସହ ସୁବର୍ଣ୍ଣ ଜୟନ୍ତୀ ସମାରୋହର ସଫଳତା ପାଇଁ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ପ୍ରାକ୍ତନ ଶିକ୍ଷକ ସତ୍ୟବ୍ରତ ସେନାପତି ଓ ରତ୍ନାକର ରାଉତରାୟଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁନାଥ ଦାସ ଉପସ୍ଥିତ ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କୁ ଐକ୍ୟତା ଓ ସଂଘତି ରଖି ସମସ୍ତ ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କୁ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଛାତ୍ର ହରିଶ୍ଚନ୍ଦ୍ର ସାହାଣୀ, ରବିନ୍ଦ୍ର ବଳବନ୍ତରାୟ, ମୀନକେତନ ସେଠୀ, ଦିଲ୍ଲିପ କୁମାର ମଲ୍ଲ, ଉମେଶ ଚନ୍ଦ୍ର ବାହାଲିଆ, ନୃସିଂହ ଚରଣ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବାରିକ, ମୋହନ ପ୍ରସାଦ ପଣ୍ଡା, ନଗେନ୍ଦ୍ର ପ୍ରସାଦ ଚୌଧୁରୀ, ଶିବ ପ୍ରସାଦ ଚୌଧୁରୀ, ସଞ୍ଜୟ ଜେନା, ଅଜୟ ଚୌଧୁରୀ, ବିବେକାନନ୍ଦ ଜେନା, ସାମ୍ବାଦିକ କଳ୍ପତରୁ ସାମଲ, ଅଶୋକ ପ୍ରଧାନ, ବିପିନ ବିହାରୀ ପ୍ରଧାନ, ଧନେଶ୍ୱର ସେଠୀ, ସଚ୍ଚିଦାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁରଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଜୟପୁର, ୨୯/୧ (ନି.ପ୍ର): ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ବାର୍ଷିକ କ୍ରିଡ଼ା ଉତ୍ସବ ଉଦଘାଟିତ ହୋଇଛି। ବିଦ୍ୟାଳୟର ଛାତ୍ର ମାନଙ୍କ ଦ୍ୱାରା ସ୍ଥାନୀୟ ଚ୍‌ଉଡେଶ୍ୱରୀ ମନ୍ଦିର ରେ ପୂଜା ଅର୍ଚ୍ଚନା ସହ ଖେଳ ର ମସାଲ ଅଣାଯାଇଥିଲା ଓ ଏହା କୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀ ଅଭିଷେକ କୁମାର ଭୁଏଁଙ୍କୁ ଅର୍ପଣ କରାଯିବା ସହ ବାର୍ଷିକ କ୍ରିଡ଼ା ଉଦ୍ଘାଟନ ଘୋଷଣା କରିଥିଲେ ଓ ପରେ ପରେ ଖେଳ ଶିକ୍ଷୟିତ୍ରୀ ଶ୍ରୀମତୀ ମିନତୀ ପାତ୍ର ଓ ଅନ୍ୟ ସମସ୍ତ ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହଯୋଗ ରେ ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଅଭିଷେକ କୁମାର ଭୁଏଁଙ୍କ ସହ ବିଦ୍ୟାଳୟ ର ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ସବିତା କୁମାରୀ ପଟ୍ଟନାୟକ, ଶ୍ରୀମତୀ ଏନ୍ ବି ଭାସ୍କାରାମ୍ମା, ଶ୍ରୀ ମତୀ ସ୍ୱର୍ଣ୍ଣ ଲତା ମିଶ୍ର ମଂଚ ପରିଚାଳନା କରୁଥିଲେ। ପ୍ରତ୍ୟେକ ଖେଳର ସମାପ୍ତି ପରେ ବିଜୟୀ ହୋଇଥିା ଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନୀତ, ଉତ୍ସାହିତ କରାଯାଇଥିଲା।

## ଧାରାବାହିକ:

ଭାଗ-୩୯

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୩ୟ ଅଧ୍ୟାୟ

**॥ ଗଜେନ୍ଦ୍ରର ଭଗବାନଙ୍କୁ ସ୍ତୁତି ॥**

ଗଜ ବିପଦରେ ପଡି ଭଗବାନଙ୍କୁ ସ୍ମରଣ କରି ଡାକିଲା, ହେ ପ୍ରଭୁ ବିଶ୍ୱସ୍ରଷ୍ଟା, ହେ ଅନନ୍ତ, ହେ ଅଜ୍ଞେୟ, ମୁନିମନ ମୋହନ, ଦୁଷ୍ଟଦଳନ, ସନ୍ଥପାଳନ. ସର୍ବଶକ୍ତିମାନ. ହେ ସର୍ବାନ୍ତର୍ଯ୍ୟାମୀ, ସଚ୍ଚଦାନନ୍ଦ, ସର୍ବାଧକ୍ଷ, ସର୍ବସାକ୍ଷୀ, ସର୍ବଦ୍ରଷ୍ଟା, ସର୍ବମୟ, ନିର୍ଗୁଣ, ନିର୍ଲିପ୍ତ, ନିର୍ବିକାର, ମୋକ୍ଷରୂପୀ, ସାଧୁସନ୍ଥ ଆଶ୍ରୟଦାତା, ଅରକ୍ଷର ରକ୍ଷକ, ବିପଦବାରଣ, ସଂକଟତାରଣ ମଧୁସୂଦନ, ଏ ଅଜ୍ଞାନ ପଶୁକୁ ଏ ଘୋର ସଂକଟରୁ ଉଦ୍ଧାର କର । ହେ କରୁଣା ବାରିଧି, ନିଶ୍ଚିତ ମୃତ୍ୟୁ ମୁଖରୁ ମୋତେ ଉଦ୍ଧାର କରନ୍ତୁ । ମୋର ମୁଢ ପଶୁରାଜି ନିମନ୍ତେ ମୁଁ କେବେ ତୁମକୁ ଡାକିନାହିଁ ମାତ୍ର କେଉଁ ଜନ୍ମର ସୁକୃତ ବଳରେ ପ୍ରାଣ ଯିବା ସମୟରେ ଆପଣଙ୍କ ସ୍ମରଣ କରୁଛି । ହେ ଶରଣାଗତ ପରାୟଣ, ପଶୁର ସ୍ଥୁଳ ବୁଦ୍ଧିରେ ମୁଁ ତୁମକୁ ଅନ୍ତରର ପ୍ରଣତି ନିବେଦନ କଲି । ମୁଁ ତୁମକୁ ଦେଖି ପାରୁନଥିଲେ ମଧ ତୁମେ ମୋତେ ନିଶ୍ଚିତ ଦେଖୁଛ, ମୋତେ ରକ୍ଷା କର ପ୍ରଭୁ, ମୁଁ ତୁମର ଶରଣ ଗଲି । ଗଜେନ୍ଦ୍ରର ଏପରି ସ୍ତୁତିରେ ଭଗବାନ ବିଷ୍ଣୁ ଶଙ୍ଖ, ଚକ୍ର, ଗଦା, ପଦ୍ମ ପରିଶୋଭିତ ହୋଇ ବୈନତେୟ ପୃଷ୍ଠରେ ସେ ସ୍ଥାନରେ ଆବିର୍ଭୂତ ହେଲେ । କୁମ୍ଭୀର ଦ୍ୱାରା ଆକ୍ରାନ୍ତ ମୁର୍ମୂଷ ଅବସ୍ଥାରେ ଗଜେନ୍ଦ୍ର ଅତି କଷ୍ଟରେ ଗୋଟିଏ ପଦ୍ମଫୁଲ ନିଜର ଶୁଣ୍ଢରେ ଉତ୍ତୋଳନ କରି ଭଗବାନଙ୍କୁ ପ୍ରଣିପାତ କଲେ । ସହସା ଭଗବାନ ବିଷ୍ଣୁଙ୍କର ହସ୍ତସ୍ଥିତ ସୁଦର୍ଶନ ଚକ୍ର ବିଦ୍ୟୁତ ଗତିରେ ଆସି ନକ୍ରର ମସ୍ତକ ଛେଦନ କରିପକାଇଲା ।

### ୪ର୍ଥ ଅଧ୍ୟାୟ

**॥ ଗଜେନ୍ଦ୍ର ଓ କୁମ୍ଭୀରର ବୈକୁଣ୍ଠ ପ୍ରାପ୍ତି ॥**

ଶ୍ରୀ ଶୁକଦେବ କହିଲେ, ରାଜା, ଗଜ ଓ କୁମ୍ଭୀର ଉଭୟେ ମହା ପୁଣ୍ୟବନ୍ତ । ଗଜ ବୈକୁଣ୍ଠରେ ବିଷ୍ଣୁଙ୍କର ପାର୍ଶଦ ହେଲା ଏବଂ କୁମ୍ଭୀର ତାର ପୂର୍ବ ଗନ୍ଧର୍ବ ରୂପ ପ୍ରାପ୍ତହେଲା । ପୂର୍ବରୁ ଏହି ଗନ୍ଧର୍ବ ଯାହାର ନାମ ହୁ ହୁ ଥିଲା ସେ ନିଜର ସ୍ତ୍ରୀଗଣ ସହ ଜଳକ୍ରୀଡା କରୁଥିବା ସମୟରେ ଜଣେ ଋଷିଙ୍କର ପାଦକୁ ଆକର୍ଷଣ କରିବାରୁ ଋଷି ଅଭିଶାପ ଦେଇଥିଲେ କୁମ୍ଭୀର ହେବାକୁ । ଗନ୍ଧର୍ବ ଅନୁତପ୍ତ ହୋଇ କ୍ଷମା ମାଗିବାରୁ କହଲେ, ଭଗବାନ ବିଷ୍ଣୁ ଗଜୋଦ୍ଧାରଣ ନିମିତ୍ତ ତାକୁ ବଧ କରି ମୁକ୍ତି ପ୍ରଦାନ କରିବେ । ଏହି ଗଜ ମଧ ଦ୍ରାବିଡ ଶ୍ରେଷ୍ଠ, ପାଣ୍ଡୁଦେଶ ଜାତ ଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ । ସେହି ରାଜା ମଳୟାଚଳରେ ତପସ୍ୟା କରୁଥିବା ସମୟରେ ଶିଷ୍ୟଗଣ ପରିବେଷ୍ଟିତ ମହାତପୀ ଅଗସ୍ତି ମୁନିଙ୍କୁ ନିଜ ଆଶ୍ରମ ନିକଟରେ ଦେଖି ମଧ ଅତିଥି ସତ୍କାର ନିମିତ୍ତ ତାଙ୍କୁ ସ୍ୱାଗତ କଲେନାହିଁ । ତେଣୁ ଋଷିଙ୍କ ଅଭିଶାପରୁ ଗଜେନ୍ଦ୍ର ଯୋନିପ୍ରାପ୍ତ ହୋଇଥିଲେ । ହେ ରାଜା, ଭଗବାନଙ୍କର ଏହି ପରମ ପବିତ୍ର ଚରିତକୁ ଯେଉଁମାନେ ଶ୍ରବଣ, ଗାୟନ କରନ୍ତି ସେମାନେ ସମସ୍ତ ପାପରୁ ମୁକ୍ତି ମିଳେ ।

### ୫ମ ଅଧ୍ୟାୟ

**॥ ବ୍ରହ୍ମାଙ୍କ ନିକଟକୁ ଦେବଗଣଙ୍କ ଗମନ ଏବଂ ଭଗବାନଙ୍କୁ ବ୍ରହ୍ମାଙ୍କର ସ୍ତୁତି ॥**

ଶ୍ରୀ ଶୁକଦେବ କହିଲେ, ହେ ରାଜା, ଭଗବାନ ଶ୍ରୀହରି ଲୋକମାତା ଶ୍ରୀଲକ୍ଷ୍ମୀଙ୍କ ପ୍ରାର୍ଥନାନୁସାରେ ବୈକୁଣ୍ଠ ଲୋକ ନିର୍ମାଣ କରିଥିଲେ । ତାଙ୍କର ଗୁଣ ବର୍ଣ୍ଣନା ପୃଥିବୀର ଧୂଳିକଣା ଗଣନା ସହ ସମାନ । ସେ କାହିଁକି କ୍ଷୀର ସମୁଦ୍ର ମନ୍ଥନ ଓ କୂର୍ମ ରୂପରେ ମନ୍ଦର ପର୍ବତ ଧାରଣ କରିଥିଲେ ତାହା ବର୍ଣ୍ଣନା କରୁଛି ଶୁଣ । ଏକଦା ଦୁର୍ବାସା ମୁନିଙ୍କ ଶାପ ଫଳରେ ଦେବତାମାନେ ଅସୁର କର୍ତ୍ତୃକ ପରାସ୍ତ ହୋଇ ବହୁ ସଂଖ୍ୟାରେ କ୍ଷୟ ହେବାରୁ ଇନ୍ଦ୍ରାଦି ଦେବତାଗଣ ଶ୍ରୀହୀନ ହୋଇ ଯାଗଯଜ୍ଞ ବିଲୁପ୍ତର କାରଣ ସମ୍ପର୍କରେ ନିଜ ମଧରେ ମନ୍ତ୍ରଣା କରି କିଛି ଉପାୟ ସ୍ଥିର କରି ନପାରି ବ୍ରହ୍ମାଙ୍କୁ ସୁମେରୁ ପର୍ବତରେ ଭେଟିଲେ । ବ୍ରହ୍ମା ସମସ୍ତ ଦେବତାମାନଙ୍କୁ ନେଇ ପ୍ରକୃତିର ପରପାରିରେ ଅବସ୍ଥିତ କ୍ଷୀରସମୁଦ୍ର ମଧ୍ୟସ୍ଥ ଶ୍ୱେତଦ୍ୱୀପ ମଧରେ ପହଞ୍ଚି ଶ୍ରୀବିଷ୍ଣୁଙ୍କୁ ସ୍ତୁତି କଲେ । ହେ ନିର୍ବିକାର, ଅନନ୍ତ, ସତ୍ୟ, ଆଦ୍ୟ, ନିରୁପୋଧି, ତର୍କ, ବାକ୍ୟର ଅଗୋଚର, ଶ୍ରେଷ୍ଠ ପୂଜନୀୟ- ମୁଁ ଆପଣଙ୍କୁ ନମସ୍କାର କରୁଛି । ହେ ଦେବତା ମାନଙ୍କର ଅନ୍ନ, ଆୟୁ, ବଳ, ବୃକ୍ଷମାନଙ୍କର ପାଳକ ଓ ସଂବର୍ଦ୍ଧକ, ହେ ସର୍ବଦହନକାରୀ, ସର୍ବବେଦମୟ, ହେ ଚନ୍ଦ୍ରସୂର୍ଯ୍ୟ ନେତ୍ର, ହେ ତ୍ରାଣକର୍ତ୍ତା ଆପଣ ଆମ୍ଭମାନଙ୍କୁ ରକ୍ଷା କରିବାକୁ ଯୁଗେ ଯୁଗେ ଅବତାର ଗ୍ରହଣ କରନ୍ତି । ଆପଣଙ୍କଠାରେ ଅର୍ପିତ କର୍ମ ସମୂହ ନିଷ୍କାମ ହେଲେ ହେଁ ନିଷ୍ଫଳ ହୁଏନାହିଁ । ବୃକ୍ଷମୂଳରେ ଜଳଦାନ କଲେ ଶାଖା ପ୍ରଶାଖା ପରିପୁଷ୍ଟ ହେବାଭଳି ଆପଣଙ୍କ ଆରାଧନାରେ ସର୍ବଦେବତା ଓ ନିଜ ଆତ୍ମାର ପରିତୃପ୍ତି ସାଧିତ ହୁଏ ।

### ୬ଷ୍ଠ ଅଧ୍ୟାୟ

**॥ ସମୁଦ୍ର ମନ୍ଥନ କରିବାକୁ ଦେବତା ଓ ଦୈତ୍ୟମାନଙ୍କର ମିଳିତ ଉଦ୍ୟମ ॥**

ଦେବତାମାନଙ୍କ ସ୍ତୁତି ଶୁଣି ଭଗବାନ ଚକ୍ରପାଣି ଶୂନ୍ୟରେ ପ୍ରକାଶିତ ହେଲେ । ତାଙ୍କ ତେଜରେ ଦେବତାମାନଙ୍କ ଚକ୍ଷୁ ମୁଦ୍ରିତ ହେଲା । ବ୍ରହ୍ମା ରୁଦ୍ର ଚକ୍ଷୁ ଟେକି ଦେଖିଲେ ଭଗବାନଙ୍କର ଶରୀର ଆକାଶ ସାରା ବ୍ୟାପୀ ଯାଇଛି । ପୀତ କୌଶେୟ ବସ୍ତ୍ର ପରିହିତ ତପ୍ତକାଞ୍ଚନ ବର୍ଣ୍ଣ ମନୋହର ଶରୀର, ପ୍ରସନ୍ନ ମୁଖ, ବିକଚ କମଳ ନୟନ, କର୍ଣ୍ଣରେ ମକର କୁଣ୍ଡଳ, ମସ୍ତକରେ ଅମୂଲ୍ୟମଣି ଖଚିତ ମୁକୁଟ, ଆଜାନୁଲମ୍ବିତ ଚତୁର୍ଭୁଜରେ କଙ୍କଣ, ସୁନ୍ଦର କଟୀମେଖଳା, ଚରଣରେ ବଳୟ ଓ ନୂପୁର, କଣ୍ଠରେ କୌସ୍ତୁଭମଣି, ବକ୍ଷରେ ମହାଲକ୍ଷ୍ମୀ, ହୃଦୟର ବନମାଳା, ଅତ୍ୟନ୍ତ ସୁଶୋଭନୀୟ ମୁଖପଦ୍ମ ଏବଂ ଶ୍ରୀହସ୍ତରେ ମହାତେଜୋମୟ ସୁଦର୍ଶନ ଚକ୍ର । ବ୍ରହ୍ମା, ରୁଦ୍ର ଭଗବାନଙ୍କର ଏହିପରି ଭୁବନ ମୋହନ ମୂର୍ତ୍ତି ଦର୍ଶନ ପୂର୍ବକ ସାଷ୍ଟାଙ୍ଗ ପ୍ରଣିପାତ କରି କହିଲେ, ହେ ପୁରୁଷୋତ୍ତମ, ଆପଣଙ୍କର ଏହି ରୂପକୁ ମଙ୍ଗଳକାମୀ ବ୍ୟକ୍ତିମାନେ ବୈଦିକ ଓ ତାନ୍ତ୍ରିକ ମତରେ ପୂଜା କରନ୍ତି । ଆପଣଙ୍କର ଏହି ସର୍ବବ୍ୟାପୀ ମୂର୍ତ୍ତିରେ ଆମେ ସର୍ବ ଦେବଗଣଙ୍କ ସହିତ ତ୍ରିଲୋକ ଦର୍ଶନ କରୁଅଛୁ । ମୃତ୍ତିକା ଯେପରି ଘଟର ଆଦିଅନ୍ତ ସେହିପରି ଆପଣ ବିଶ୍ୱର ଆଦିଅନ୍ତ ଅଟନ୍ତି । କାଷ୍ଠ ମଧରେ ଅଗ୍ନିପରି, ଗୋମାତା ମଧରେ ଅମୃତ ପରି ଧରଣୀ ଦେହରେ ଅନ୍ନ ପରି ଆପଣ ପ୍ରଚ୍ଛନ୍ନ ଭାବରେ ସର୍ବତ୍ର ବିରାଜିତ । ମନୁଷ୍ୟ ନାନା ଯୋଗ ଓ ଧାନ, ପୂଜାର୍ଚ୍ଚନା ବଳରେ ଆପଣଙ୍କ ପାଦପଦ୍ମ ଲାଭ କରେ । ଆପଣଙ୍କର ରୂପକୁ ଆତ୍ମାରେ ଦେଖି ଦାବାନଳ ତାପିତ ଗଜ ଗଙ୍ଗାଜଳରେ ବୁଡି ଶାନ୍ତି ଲାଭ କଲାପରି ପରମଶାନ୍ତି ଲାଭକରେ । ହେ ଅନ୍ତର୍ଯ୍ୟାମୀ, ଆମ୍ଭମାନଙ୍କର ଆଗମନର ଉଦ୍ଦେଶ୍ୟ ଆପଣଙ୍କୁ ଅଜ୍ଞାତ ନୁହେଁ । ଆମ୍ଭ ପକ୍ଷରେ କଣ ମଙ୍ଗଳଦାୟକ ତାହା ଆମେ ନିଜେ ମଧ ଜାଣିନାହୁଁ । ଆପଣ ତାହାର ବିଧାନ କରି ଅସୁର ଉପଦ୍ରବରୁ ଆମ୍ଭମାନଙ୍କୁ ରକ୍ଷା କରନ୍ତୁ । ଭଗବାନ ବିଷ୍ଣୁ ଏକାକୀ ଦେବକାର୍ଯ୍ୟ କରିବାକୁ ସମର୍ଥ ହେଲେ ମଧ ସମୁଦ୍ର ମନ୍ଥନରେ ବିହାର କରିବାକୁ ଇଛା କରି କହିଲେ ତୁମ୍ଭମାନଙ୍କର କାର୍ଯ୍ୟ ସିଦ୍ଧି ପର୍ଯ୍ୟନ୍ତ ଅହି ମୁଷିକ ତୁଲ୍ୟ ଶତ୍ରୁ ସହିତ ସନ୍ଧି ସ୍ଥାପନ କର ଏବଂ ଅମୃତ ପ୍ରାପ୍ତି ନିମିତ୍ତ ଯତ୍ନ କର । ତୁମ୍ଭେମାନେ ବନରୁ ଅମ୍ଳ, ଔଷଧ ଓ ଗୁଳ୍ମ ଇତ୍ୟାଦି ସଂଗ୍ରହ କରି କ୍ଷୀର ସମୁଦ୍ରରେ ନିକ୍ଷେପ କଲେ ତାହା ଅମ୍ଳ ଦଧିରେ ପରିଣତ ହେବ । ତାପରେ ମନ୍ଦର ପର୍ବତକୁ ମନ୍ଥନ ଦଣ୍ଡ କରି ବାସୁକୀକୁ ରଜ୍ଜୁ କରି ମୋ ସାହାଯ୍ୟରେ ମନ୍ଥନ କର । ତାହା ଦ୍ୱାରା ତୁମ୍ଭମାନଙ୍କର ଅଭିଷ୍ଟ ସିଦ୍ଧ ହେବ । ତହିଁରୁ ଜାତ ଅମୃତକୁ କେବଳ ତୁମ୍ଭେମାନେ ଖାଇ ମୃତ୍ୟୁଞ୍ଜୟ ହେବ । ଅସୁରମାନଙ୍କୁ ତାହା ପ୍ରାପ୍ତ ହେବ ନାହିଁ । ତହିଁରୁ କାଳକୂଟ ବିଷ ମଧ ଉତ୍ପନ୍ନ ହେବ, ସେଥିପାଇଁ ଭୟ କରିବ ନାହିଁ । ମୁଁ ତାର ଉପାୟ କରିବି । ସମୁଦ୍ର ମନ୍ଥନ ଜାତ ଅନ୍ୟାନ୍ୟ ଲୋଭନୀୟ ବସ୍ତୁରେ ତୁମ୍ଭେମାନେ ଲୋଭ କରିବ ନାହିଁ । ଏହା କହି ଭଗବାନ ଅନ୍ତର୍ହିତ ହେଲେ । ଏହାପରେ ଇନ୍ଦ୍ରାଦି ଦେବତାମାନେ ଅସୁର ରାଜ ବଳିଙ୍କ ନିକଟକୁ ଯାଇ ସଖ୍ୟ ସ୍ଥାପନ କଲେ ଏବଂ ସମୁଦ୍ର ମନ୍ଥନ ନିମନ୍ତେ ପ୍ରସ୍ତାବ ଦେଲେ । ବିଷ୍ଣୁମାୟାରେ ବଳି ରାଜା ଉକ୍ତ ପ୍ରସ୍ତାବରେ ରାଜି ହୋଇଗଲେ । ଦେବ ଦାନବ ମିଶି ମନ୍ଦର ପର୍ବତକୁ ବୋହି ନେବାରେ ଅସମର୍ଥ ହେବାରୁ ଭଗବାନ ବିଷ୍ଣୁ ନିଜେ ଅନାୟସରେ ମନ୍ଦର ପର୍ବତକୁ ଗରୁଡ ପୃଷ୍ଠରେ ସ୍ଥାପନ କରି ସମୁଦ୍ର ତୀର ପର୍ଯ୍ୟନ୍ତ ଘେନିଗଲେ ।

### ୭ମ ଅଧ୍ୟାୟ

**॥ ସମୁଦ୍ର ମନ୍ଥନ ଆରମ୍ଭ ଓ ଶିବଙ୍କର ଗରଳ ଭକ୍ଷଣ ॥**

ଶ୍ରୀ ଶୁକଦେବ କହିଲେ, ଦେବତା ଓ ଅସୁରମାନେ ମହାନନ୍ଦରେ ବାସୁକୀକୁ ରଜ୍ଜୁ କରି ମନ୍ଦର ପର୍ବତକୁ ଦଣ୍ଡ କରି ସମୁଦ୍ର ମନ୍ଥନ କରିବାକୁ ଲାଗିଲେ । ସ୍ୱୟଂ ଭଗବାନ ଅସୁରମାନଙ୍କୁ ବାସୁକୀର ପୁଚ୍ଛ ଧରିବାକୁ କହିବାରୁ ଅସୁରମାନେ ସର୍ପର ପୁଚ୍ଛ ଅମଙ୍ଗଳ ବିଚାର କରିବାରୁ ଭଗବାନ ବିଷ୍ଣୁ ସହ ଦେବଗଣ ସର୍ପର ପୁଚ୍ଛ ଓ ଅସୁରମାନେ ମୁଖ ଧରି ମନ୍ଥନ କଲେ । ମାତ୍ର ପର୍ବତ ଅତ୍ୟନ୍ତ ଗୁରୁଭାର ହେତୁ ବୁଡିବାକୁ ଲାଗିବାରୁ ଦେବତାମାନଙ୍କ ମଧରେ ଭାଳେଣି ପଡିଲା ଓ ସେମାନେ ବିଷ୍ଣୁଙ୍କୁ ଧାନ କରିବାକୁ ଲାଗିବାରୁ ଭଗବାନ ଜାଣିପାରିଲେ ଯେ ଦେବତାମାନଙ୍କର ଦର୍ପ ଚୁନା ହୋଇଛି ଏଣୁ ଏକ ବିଶାଳ କୂର୍ମର ରୂପ ଧାରଣ ପୂର୍ବକ ସେ ପର୍ବତକୁ ନିଜ ପୃଷ୍ଠରେ ଧାରଣ କଲେ । ଏହାପରେ ସମୁଦ୍ର ମନ୍ଥନ ଆରମ୍ଭ ହେଲେ ହେଁ ଅସୁର ଏବଂ ଦେବତାମାନେ କ୍ଳାନ୍ତ ହୋଇ ପଡିବାରୁ ସ୍ୱୟଂ ଶ୍ରୀହରି ବିଷ୍ଣୁ ଦେବ, ଅସୁର ଓ ବାସୁକୀ ମଧରେ ବଳ ଭାବରେ ପ୍ରବେଶ କଲେ । ବାସୁକୀ ସହସ୍ର ମୁଖରେ ନିଃଶ୍ୱାସ ଛାଡି ଅଗ୍ନି ଧୂମ ଉତ୍ପନ୍ନ କରିବାରୁ ଦେବ, ଦାନବ, ନିଃଶ୍ୱାସ ନେଇ ପାରିଲେ ନାହିଁ ଫଳରେ ବିଷ୍ଣୁ ଇଛାରେ ମେଘମାନେ ଶୀତଳ ଜଳ ବୃଷ୍ଟି କରିବାକୁ ଲାଗିଲେ । ମାତ୍ର ଏଥିରେ ବି ବିଶେଷ ଫଳ ନ ମିଳିବାରୁ ସ୍ୱୟଂ ଭଗବାନ ନିଜେ ସମୁଦ୍ର ମନ୍ଥନରେ ପ୍ରବୃତ୍ତ ହେଲେ । ଜଳଚର ଜୀବମାନେ ଭୀତତ୍ରସ୍ତ ହେଲେ । ମନ୍ଥନରୁ ପ୍ରଥମେ ତୀବ୍ର କାଳକୂଟ ବିଷ ଉତ୍ପନ୍ନ ହେଲା ଏବଂ ଚତୁର୍ଦ୍ଦିଗକୁ ବ୍ୟାପୀ ଯିବାରୁ ସମସ୍ତେ ବିଷ୍ଣୁ ନିର୍ଦ୍ଦେଶରେ ମହାଦେବଙ୍କୁ ସ୍ତୁତି କଲେ । ସମସ୍ତଙ୍କ ପ୍ରାର୍ଥନାରେ ଆଶୁତୋଷ ପ୍ରୀତ ହୋଇ ମାତା ଭବାନୀଙ୍କ ସହ ସେହି ସ୍ଥାନରେ ଉପସ୍ଥିତ ପୂର୍ବକ ଗଣ୍ଡୁଷେ ମାତ୍ରେ ସେହି ବିଷକୁ ପାନ କଲେ । ହଳାହଳର ଜ୍ୱାଳା ଫଳରେ ତାଙ୍କର କଣ୍ଠ ନୀଳବର୍ଣ୍ଣ ଧାରଣ କରିବାରୁ ମହାଦେବଙ୍କ ନାମ ହେଲା ନୀଳକଣ୍ଠ । ବିଷପାନ ସମୟରେ ଯେଉଁ ସାମାନ୍ୟ ବିଷର ଅଂଶ ଭୂପତିତ ହୋଇଥିଲା ତାହା ସାପ, ବିଛା ଓ ଦନ୍ତ ଶୂକଗଣ ପାନକରି ବିଷଧରରେ ପରିଣତ ହେଲେ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଗଣ୍ଠି

# କର୍ମ କିଭଳି ପୁଣ୍ୟ ଦିଏ



ଶ୍ୱେତା ରାଉତ୍

କର୍ମ ତ ସମସ୍ତେ କରନ୍ତି କିନ୍ତୁ ଯେଉଁ କର୍ମ ଧର୍ମ ସହିତ ଯୋଡ଼ି ହୋଇଥାଏ ତାକୁ ହିଁ ସତ୍କର୍ମ କୁହାଯାଏ। ଅନ୍ୟାୟ, ଅନୀତି, ଚୋରୀ, ଠକେଇ ଦ୍ୱାରା ଅର୍ଜନ କରିଥିବା ଅର୍ଥରେ ଯଦି ଈଶ୍ୱରଙ୍କ ପାଇଁ ବି ମହାନ ଅନୁଷ୍ଠାନ କରାଯାଏ, ଦାନ ପୁଣ୍ୟ କରାଯାଏ ତାହା ଆଦୌ ସତ୍କର୍ମ ନୁହେଁ। କାରଣ ଅନେକଙ୍କ ପ୍ରତି ଅନ୍ୟାୟ କରି, ଧୋକା କରି, ଅନ୍ୟକୁ ଠକି, ଜୀବନରେ କଷ୍ଟ ଦେଇ, ଅନ୍ୟ ଆଖିରେ ଲୁହ ଦେଇ ନିଜ ପାଇଁ ସାଇତି ଥିବା ଅଧର୍ମ ଉପାର୍ଜିତ ଅର୍ଥରେ ତିଆରି ପ୍ରସାଦ ବି ଈଶ୍ୱର ଗ୍ରହଣ କରନ୍ତି ନାହିଁ, ପୁଣ୍ୟଫଳ ପ୍ରାପ୍ତି କରିବା ତ ଦୂରର କଥା। ଯେଉଁମାନେ ଅନ୍ୟାୟ ଉପାର୍ଜିତ ଧନରେ ଲକ୍ଷ ଲକ୍ଷ ଖର୍ଚ୍ଚ କରି ଲୋକମାନଙ୍କୁ ଭୋଜନ ଦେଇ ଭାବିଥାନ୍ତି ସଟକଟ୍‌ରେ ଈଶ୍ୱରଙ୍କ ଆଶୀର୍ବାଦ ପାଇଯିବେ, ତାଙ୍କଠୁ ବଡ ମୂର୍ଖ କେହିନଥାନ୍ତି। ଆମର ଏଇ ଲୋକ କଥା ରହିଛି 'ଦୁଃଖେ ଅର୍ଜିତ ଯେଉଁ ଧନ, ନୁହେଁ ସେ ସୁଖେ ପ୍ରୟୋଜନ' ଅର୍ଥାତ୍ କାହାକୁ ଦୁଃଖ ଦେଇ ଆମେ ଯେଉଁ ଧନ ଅର୍ଜନ କରିଥାନ୍ତି, ତାକୁ ନିଜର ସୁଖ ପାଇଁ ବା ପୁଣ୍ୟ କିଣିବା ପାଇଁ ବ୍ୟବହାର କଲେ କୌଣସି ଫଳ ମିଳିନଥାଏ କି ସୁଖ ମିଳିନଥାଏ। ଆମେ ଈଶ୍ୱରଙ୍କୁ ବିବିଧ ଭୋଗ, ପ୍ରସାଦ, ଅନୁଷ୍ଠାନର ଲାଞ୍ଚ ଦେଇ ନିଜର ପ୍ରାରବ୍ଧ ବଦଳେଇ ପାରିବା ନାହିଁ। କେବଳ ସତ୍କର୍ମ ଓ ସମର୍ପଣରେ ହିଁ ପ୍ରଭୁଙ୍କୁ ସନ୍ତୁଷ୍ଟ କରିଥାଏ। ପରିଶ୍ରମ ଦ୍ୱାରା ଅର୍ଜିତ ମୁଠାଏ ଅନ୍ନରୁ ଗୋଟିଏ ଦାନାର ପ୍ରସାଦ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ପାଇଁ ପର୍ଯ୍ୟାପ୍ତ। ବାପା ମାଆଙ୍କୁ ଅବହେଳା କରି, ସନ୍ତାନ ପ୍ରତି ଦାୟିତ୍ୱଚ୍ୟୁତ ହୋଇ, ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ଯଦି ତ୍ରିଭୁବନ ପରିକ୍ରମା କରାଯାଏ, ତ୍ରିବେଣୀ ସଙ୍ଗମ କରାଯାଏ, ତେତ୍ରିଶ କୋଟି ଦେବାଦେବୀଙ୍କ ପୂଜାର୍ଚ୍ଚନା କରାଯାଏ ତଥାପି ଭାଗ୍ୟଫଳ ଖାତାରେ କେବଳ ଶୂନ୍ୟ ହିଁ ରହିଥାଏ। ମଣିଷ ଯଦି ମାର୍ଜିତ ନହୁଏ, ତା ଭିତରେ ସଂସ୍କାର ନରୁହେ ତେବେ ସେ ବାସ୍ତବିକ ଧର୍ମ କଣ ବୁଝି ପାରିବ ନାହିଁ, ତେଣୁ ଧର୍ମଯୁକ୍ତ କର୍ମ କରିପାରିବ ନାହିଁ। ଅଧୁନା ଆପଣ ପ୍ରୟାଗରାଜରେ ଦେଖୁଥିବେ ୪୦ କୋଟିରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କ ସମାଗମ ଅନୁମାନ କରାଯାଉଛି। ୪୦କୋଟି ଲୋକଙ୍କ ପରିବାରକୁ ଯାଇ ଦେଖିଲେ ସେମାନଙ୍କ ପରିବାରରେ ସତରେ କଣ ଈଶ୍ୱର ରୂପୀ ମାତା ପିତାମାନେ ଭଲରେ, ଖୁସିରେ ଅଛନ୍ତି ? ନିଜ ସନ୍ତାନଙ୍କଠାରୁ ସମ୍ମାନ ପାଉଛନ୍ତି ? ତାହା କେବେ ବି ସମ୍ଭବ ନୁହେଁ,ଏମିତି ହୋଇଥିଲେ ପରିବାର ତ ପ୍ରୟାଗ ମନେ ହୁଅନ୍ତା। ତେବେ ଗୃହସ୍ଥ ଧର୍ମରେ ବିଚ୍ୟୁତ ମଣିଷ କେଉଁ ଧର୍ମ କରିବାକୁ ଏତେ ସଂଖ୍ୟାରେ ଧାଇଁ ଯାଆନ୍ତି ? ଯଦିଓ ମୁଁ ସମସ୍ତଙ୍କ କଥା କହୁନାହିଁ, ପ୍ରୟାଗରେ ବୁଡ଼ ଦେବା ପରେ ଗୃହସ୍ଥ ଫେରୁଥିବା ସବୁ ବ୍ୟକ୍ତି ସତରେ କଣ ମୋକ୍ଷ ପାଇଯାଆନ୍ତି, ତାଙ୍କ ଦ୍ୱାରା ଆଉ ଅନ୍ୟାୟ, ଅନୀତି ହୁଏନାହିଁ ? ଏ ପ୍ରଶ୍ନ ମୋ ମନରେ ତ ଅଛି, ଜାଣିନି ଆପଣମାନେ କଣ ଭାବନ୍ତି। ଯେଉଁମାନେ ପୁଣ୍ୟ ଅର୍ଜନ ପାଇଁ ପ୍ରୟାଗ ନଯାଇପାରି ଦୁଃଖ ଅନୁଭବ କରୁଛନ୍ତି, ସେମାନେ କର୍ମ ଦ୍ୱାରା ପରିବାରରେ ରହି ବି ପ୍ରୟାଗର ପୁଣ୍ୟ ପାଇପାରିବେ। ଗୃହସ୍ଥରେ ଥାଇ ଯଦି ମନରେ ଶ୍ରୀହରୀ ଅଛନ୍ତି, ତେବେ ତାଠୁ ବଡ ପୁଣ୍ୟ ନାହିଁ। ମନ୍ଦିରରେ କି ତୀର୍ଥରେ ଥାଇ ଯଦି ମନ କାମନାସିକ୍ତ, କପଟୀ, କୃର, କୁବିଚାର ରଖିଥାଏ ତେବେ ତା'ଠୁ ବଡ ପାପ ନାହିଁ। ଆପଣଙ୍କ ଉପରେ ନିର୍ଭର କରେ ଆପଣଙ୍କ କର୍ମ କିଭଳି ହୋଇଥାଏ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ମା' କ୍ଷୀର ଅଭାବର ଆୟୁର୍ବେଦୀୟ ଉପଚାର



ମା' କ୍ଷୀର ଶିଶୁ ପାଇଁ ଏକମାତ୍ର ଜୀବନ ଜିଇଁବାର ଆହାର। ଆୟୁର୍ବେଦରେ ବର୍ଣ୍ଣନା ଅଛି ସ୍ତନ୍ୟଂ ତୁ ଜୀବନଂ ମରଣ ତଦାଭାବେ ଚ। ଅର୍ଥାତ୍ ଶିଶୁ ପାଇଁ ମା' କ୍ଷୀର ଠାରୁ ବଳି ଅମୃତ ସଂସାରରେ ଆଉ କିଛି ନାହିଁ। ତେବେ ମା' କ୍ଷୀର ଶିଶୁ ପାଇଁ କାହିଁକି ଓ କିପରି ମୂଲ୍ୟବାନ ତାହା ଆଜିକାଲି ଅନେକ ମା' ଭୁଲିଯାଉଛନ୍ତି। କେତେକ ନିଜର ଯୌବନକୁ ଦୀର୍ଘକାଳୀନ କରିବା ଲାଗି ସ୍ତନ୍ୟପାନ କରାଇବାକୁ ଅବହେଳା କରିଥାନ୍ତି। ଯଦିଓ ପ୍ରକୃତି ମା' ସ୍ତନରେ ତା' ଶିଶୁପାଇଁ ଯଥେଷ୍ଟ ସ୍ତନ୍ୟ ଯୋଗାଇ ଦେଇଥାଏ ହେଲେ ବେଳେବେଳେ ମା' ନିଜ ଶିଶୁକୁ ଯଥେଷ୍ଟ ପରିମାଣରେ ସ୍ତନ୍ୟପାନ କରାଇ ପାରି ନଥାଏ। ହୁଏତ ଏଥିପାଇଁ ମା' ଶରୀର ଭିତରେ ହରମୋନର ପ୍ରଭାବ, ମା'କୁ ଆବଶ୍ୟକ ପୋଷକ ତତ୍ତ୍ୱର ଅଭାବ, ଗର୍ଭ ନିରୋଧ ବଟିକା ସେବନ ତଥା ମାନସିକ ଚିନ୍ତା, କାର୍ଯ୍ୟର ଚାପ, ଶାରୀରିକ ରୋଗ ଭଳି ବିଭିନ୍ନ କାରଣ ଦାୟୀ।

ଆୟୁର୍ବେଦରେ ଏପରି ଶିଶୁ ପାଇଁ ପ୍ରଚୁର ଦୁଗ୍ଧ ମା' ସ୍ତନରେ ସୃଷ୍ଟି କରିବା ଲାଗି ଅନେକ ବିଧି ଓ ଔଷଧର ବ୍ୟବସ୍ଥା ରହିଛି। ମହର୍ଷି ଚରକ ତାଙ୍କ ପୁସ୍ତକ ସୂତ୍ର ସ୍ଥାନରେ କେତୋଟି ଔଷଧୀୟ ଦ୍ରବ୍ୟର ଉଲ୍ଲେଖ କରି କରିଛନ୍ତି ଯାହା ମା' ସ୍ତନରେ ପ୍ରଚୁର ପରିମାଣରେ କ୍ଷୀର ଉତ୍ପନ୍ନ କରିଥାଏ। ଯଥା ଶାଳୀଚାଉଳ୍, ଷଷ୍ଠିକ ଚାଉଳ, ଗୁଡୁଚୀ ଏବଂ କେତେକ ଜାତିର ତୃଣ ଭେଦ ଯଥା ଆଖୁ, କାଶତଣ୍ଡୀ, କୁଶ, ରୋହିସତୃଣ ଇତ୍ୟାଦି ଯାହା ଉପରେ ଅନେକ ଗବେଷଣା କରାଯାଇ ପ୍ରତ୍ରକ୍ଷଧ ମଧ୍ୟ ହୋଇସାରିଛି। ଏହାବ୍ୟତୀତ ମହର୍ଷି ସୁଶ୍ରୁତ ସ୍ତନ୍ୟକ୍ଷୟରେ ଶ୍ଳେଷ୍ମବର୍ଦ୍ଧକ (କଫ ବର୍ଦ୍ଧକ)ଦ୍ରବ୍ୟର ପ୍ରୟୋଗ କରିବା ପାଇଁ ସୂତ୍ର ସ୍ଥାନରେ କହିଛନ୍ତି ଯେପରି- ମାଷପର୍ଣ୍ଣୀ, ମୁଦ୍‌ଗପର୍ଣ୍ଣୀ, କକଡ଼ାଶୃଙ୍ଗୀ, ଯଷ୍ଟିମଧୁ, ଦ୍ରାକ୍ଷା



(କିସମିସ), ଗୁଡୁଚୀ, ପଦ୍ମକ କିମ୍ବା କଇଁ ନାଡ଼ ଆଦି ଅନେକ ପ୍ରକାର ଚୂର୍ଣ୍ଣ କ୍ୱାଥ (ସିଝେଇ) ରୂପରେ ନେବାକୁ ଉପଦେଶ ଦେଇଛନ୍ତି। ତେବେ ଏ ସମ୍ପର୍କରେ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

ମା' ସ୍ତନରେ ସୃଷ୍ଟିଲାଗି ଅନ୍ୟ କେତେକ ମସଲା ଓ ପରିବା ଜାତୀୟ ଦ୍ରବ୍ୟ ରହିଛି, ସେଗୁଡ଼ିକୁ ମଧ୍ୟ ପ୍ରୟୋଗ କରାଯାଇପାରେ। ଯେପରି ମେଥି ଏକ ପ୍ରଭାବଶାଳୀ କ୍ଷୀର ଉତ୍ପାଦନ ଦ୍ରବ୍ୟ। ଏହାକୁ ଅଳ୍ପ ମାତ୍ରାରେ ପାଣିରେ ବତୁରାଇ ଖାଲି ବା କ୍ଷୀର ସହ ଦୈନନ୍ଦିନ ସେବନ କଲେ ଉତମ ଫଳ ମିଳେ। ମେଥି ମୋଦକ ମଧ୍ୟ ନେଲେ ଭଲ। ସଜନା ଛୁଇଁ ମଧ୍ୟ ଏକ ଉତ୍କୃଷ୍ଟ ଦ୍ରବ୍ୟ ଯାହାକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରାଯାଇପାରେ। ସେହିପରି ଶତାବରୀର ବା ଛତୁଆରୀର କୋମଳ ଶୃଙ୍ଗ ବା ମୂଳକୁ ଭଲ ଭାବେ ଧୋଇ କ୍ଷୀର ତଥା ମିଶ୍ରିତ ସହିତ ପ୍ରତିଦିନ ଖାଇଲେ ମା' କ୍ଷୀର ବୃଦ୍ଧି ହୋଇଥାଏ। ସେହିପରି ପାନମଧୁରୀର ଚୂର୍ଣ୍ଣ ବା ଭିଜା ପାଣି ଦୈନନ୍ଦିନ ନେଲେ କ୍ଷୀର ବୃଦ୍ଧିହୁଏ। ନିର୍ଗୁଣ୍ଡୀ ପତ୍ର (ବେଗୁନିଆ ପତ୍ର) ରସ, ଏରଣ୍ଡ ପତ୍ର (ଜଡ଼ାଗଛ ପତ୍ର) ରସ ମଧ୍ୟ ମା'ର କ୍ଷୀର ବୃଦ୍ଧିରେ ସାହାଯ୍ୟ କରେ। ସ୍ତନ୍ୟଦାତ୍ରୀର କ୍ଷୀର ଅଭାବ ବା କ୍ଷୟରେ ଏହାକୁ ବୃଦ୍ଧି କେଉଁ କାଳରୁ ଆୟୁର୍ବେଦୀୟ ବର୍ଣ୍ଣିତ ଦ୍ରବ୍ୟର ପ୍ରୟୋଗ ହୋଇଆସୁଛି। ହେଲେ ଯୁଗ ବଦଳିବା ସହିତ ମନୁଷ୍ୟର ଜୀବନଶୈଳୀ ବଦଳିବା ଯୋଗୁଁ ମନୁଷ୍ୟ ଏହି ଚିରାଚରିତ ପ୍ରଥାକୁ ଭୂଲିଯାଇ କେମିକାଲ ଯୁକ୍ତ ଦ୍ରବ୍ୟ ପ୍ରୟୋଗ କରି ଅନେକ ରୋଗର ଶିକାର ହେଉଛି। ଏହଦ୍ଦୃେରି ସମସ୍ତ ବର୍ଣ୍ଣିତ ଦ୍ରବ୍ୟ ମଧ୍ୟରୁ କେତେକାଂଶରେ ଗର୍ଭାବସ୍ଥାରେ ମନା କରାଯାଇଥିବା ବେଳେ ପ୍ରସବ ପରେ କ୍ଷୀର ବୃଦ୍ଧି ପାଇଁ ପରାମର୍ଶ ଦିଆଯାଇଛି। ତେବେ ଏହାର ପ୍ରୟୋଗ ଅତ୍ୟନ୍ତ ସତର୍କ ଓ ଯତ୍ନ ସହିତ କରାଯିବା ଆବଶ୍ୟକ। କାରଣ ସମୟ ଓ ପ୍ରକୃତି ଅନୁସାରେ ଶରୀରରେ ଏହାର ପ୍ରଭାବ ବେଳେ,ବେଳେ ନକାରାତ୍ମକ ପ୍ରଭାବ ପକାଇପାରେ।



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୫୧




ଡ.ସିନ୍ଧୁ ସେନ୍


॥ ତେଇଶ ॥

କୌଣସି କାର୍ଯ୍ୟ ସମ୍ପାଦନ ପଛରେ କିଛି ନା କିଛି ଉଦ୍ଦେଶ୍ୟ ନିହିତ ଥାଏ । ଉଦ୍ଦେଶ୍ୟ ଯାହା ଥାଉନା କାହିଁକି, ତାହାହିଁ ସେହି ସମୟ ପାଇଁ ସର୍ବୋତ୍ତମ, ଗୁରୁତ୍ୱପୂର୍ଣ୍ଣ । କର୍ମର ଫଳାଫଳ କ'ଣ ହେବ, ତାକୁ ନେଇ ଭୁଲ୍, ଠିକ୍ ବିଚାର କରାଯାଏ ନାହିଁ । ଭୁଲ୍ ଠିକ୍ ହିସାବ କରାଯାଏ କର୍ତ୍ତାର କର୍ମକୁ ଧରି । ବାପା ମୋତେ ଆତ୍ମଶିକ୍ଷା ବିଷୟରେ କହୁଥିଲେ । ମୁଁ କିନ୍ତୁ ଏତିକି ଜାଣେ, ନିଜ ଉପରେ ଭରସା, ଆସ୍ଥା ଓ ବିଶ୍ୱାସ ହିଁ ଆତ୍ମଶିକ୍ଷାର ମୂଳକଥା । ତେଣୁ ଗୌରବବୋଧ ହେଉଛି ଆତ୍ମବିଶ୍ୱାସର ବିଶିଷ୍ଟ ବିଭବ । ତେଣୁ ମାନବିକତା ଉପରେ ଗୁରୁତ୍ୱ ଦେବା ଆତ୍ମଶିକ୍ଷାର ଅନ୍ୟ ଏକ ମୌଳିକ ଉପାଦାନ । ଏହା ସତ ଯେ, ବ୍ୟକ୍ତିର ଜୀବନ କେବଳ ବ୍ୟକ୍ତିଗତ ଜୀବନ ନୁହେଁ । ଜୀବନର ଏକାଧିକ ଦିଗ ରହିଛି । ଯେମିତି କି ସାମାଜିକ, ରାଷ୍ଟ୍ରୀୟ ତଥା ଅନ୍ତତଃ ରାଷ୍ଟ୍ରୀ ତେଣୁ ଦେଶ ଓ ଜାତି ପାଇଁ କିଛି କାର୍ଯ୍ୟ କରିବାକୁ ଗଲାବେଳେ ଆମକୁ ମନେରଖିବା ଉଚିତ୍ ଯେ, ମୁଁ କେବଳ ଏକା ମୋର ନୁହେଁ ଦେଶ ଓ ଜାତିର ମଧ୍ୟ । ଏସବୁ ଦୃଷ୍ଟିକୋଣରୁ ମୁଁ ଯେ ନିଶ୍ଚିତ ଭାବେ ଭୁଲ୍ କରୁଥିଲି । ନିଜ ଭୁଲ୍ କେହି ଚେତାଇ ଦେବାକୁ ଚାହୁଁଥିଲେ ମଧ୍ୟ ମୁଁ ସେଥିପ୍ରତି ଏତେଟା ଗୁରତ୍ୱ ଦେଉନଥିଲି । ମୁଁ ତ କେବଳ ମୁଁ ତ୍ୱକୁ ନେଇ ବଞ୍ଚିବାକୁ ଚାହୁଁଥିଲି । ପିତାଙ୍କ ଠାରୁ ବିଦାୟ ନେଇ ଫେରନ୍ତା ପଥରେ ମୋତେ ଏମିତି ଭାବନା ମୋ ମନକୁ ବିଚଳିତ କରୁଥିଲା,

ଏମିତି ଅନାବନା ଭାବନା ମଧ୍ୟରେ ମୋ ପୁଷ୍ପକଯାନ ଯେ କେତେବେଳେ ଲଙ୍କାର ଭୂମିକୁ ସ୍ପର୍ଶ କଲା ମୁଁ ନିଜେ ମଧ୍ୟ ଜାଣିପାରି ନଥିଲି । ସମୟ ସେତେବେଳେ ଥିଲା ଆସନ୍ନ ସନ୍ଧ୍ୟା । ରାଜପଥର ଉଭୟ ପାର୍ଶ୍ୱରେ ସୁସଜ୍ଜିତ ଦୀପର ଶିଖା, ତୂରୀ, ଭେରୀରେ ପ୍ରକମ୍ପିତ ହେଉଥିଲା ଚତୁର୍ଦ୍ଦିଗ । ଶଂଖ ହୁଳହୁଳି ନାଦରେ ମୋର ଜୟଧ୍ୱନି । ପ୍ରଜାମାନଙ୍କର କଣ୍ଠରେ ଧ୍ୱନିତ୍ୱ ହେଉଥିଲା ମୋର ଜୟଜୟକାର ।

ବୁଝି ପାରୁଥିଲି ଏ ଜୟଧ୍ୱନି କ'ଣ ପାଇଁ? ଦୀର୍ଘଦିନ ପରେ ମୁଁ ବିଜୟର ବାନା ଧରି ଲଙ୍କାପୁରୀକୁ ଫେରିଆସିଛି । ମୋ ପାଇଁ ତେଣୁ ଲଙ୍କାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା । ଆନନ୍ଦର ସହ ହସିହସି ପ୍ରଜାମାନଙ୍କର ଅଭିବାଦନକୁ ଗ୍ରହଣ କରୁଥାଏ । ଭାବୁଥାଏ, ମୁଁ ସତରେ କେତେ ଭାଗ୍ୟବାନ ଏହାଠାରୁ ବଳି ଆଉ କ'ଣ ସୁଖ ଥାଇପାରେ ମୋ ପାଇଁ । ବାପା ମୋତେ ଅନେକ ଉପଦେଶ ଦେଇଥିଲେ । ଜଣେ ସୁଖୀ ମଣିଷ ହୁଅ ବୋଲି ଆଶୀର୍ବାଦ ମଧ କରିଥିଲେ । ଏବେ ଲଙ୍କାରେ ମୋ ପ୍ରତି ବିପୁଳ ସ୍ୱାଗତୋତ୍ସବ ଦେଖି ମୁଁ କେମିତି ଭାବିବି ମୁଁ ସୁଖୀ ନୁହେଁ ବୋଲି । ସମସ୍ତେ ସ୍ୱାଗତ କରିବାପାଇଁ ପୁରନାରୀ ମାନେ ହାତରେ ଧୂପ, ଦୀପ, ଅର୍ଘ୍ୟ ଥାଳି ଧରି ଠିଆ ହୋଇଥିଲେ । ସମସ୍ତଙ୍କ ଆଗରେ ଥିଲେ ରାଣୀ ମନ୍ଦୋଦରୀ । ତାଙ୍କୁ ଚାହିଁଦେଇ ମୁଁ ଅଭିଭୂତ ହୋଇପଡ଼ିଲି । ଗୌରତନୁରେ ଲାଲି ରଂଗର ଝୀନ ତାଙ୍କୁ ବେଶ୍ ମାନୁଥାଏ । ମୃଦ ହସ ସହି ସେ କହୁଥିଲେ ସ୍ୱାଗତ ଲଙ୍କାପତି । ତାଙ୍କ ସହ ତାଳ ଦେଇ ଅନ୍ୟମାନେ ମଧ ମୋତେ ସ୍ୱାଗତ ଅଭ୍ୟର୍ଥନା କରୁଥିଲେ । ପରେପରେ ମନ୍ଦୋଦରୀଙ୍କ ଇସାରାରେ, ଯେଉଁ ତରୁଣ ଜଣକ ମୋତେ ପ୍ରଣାମ କରୁଥିଲେ । ସେ ଯେ ମୋର ପୁତ୍ର ମେଘନାଦ, ଏହା ମୋ ନିକଟରେ ସ୍ପଷ୍ଟ ହୋଇଗଲା ।

ଦୀର୍ଘଦିନ ବ୍ୟବଧାନ ପରେ ମୁଁ ମେଘନାଦକୁ ଦେଖୁଛି । ତାକୁ ଛାତିରେ ଜାକିଧରି ପିତୃତ୍ୱର ଗୌରବକୁ ଅନୁଭବ କରୁଥିଲି । ସେ ଏବେ କୈଶୋର ଛାଡ଼ି ତରୁଣରେ ପାଦ ଦେଇସାରିଛି । ଠିକ୍ ମାଆଙ୍କ ଭଳି ଦେହର ରଗଂ । କନକଗୌର କାନ୍ତି । ମୋ ଭଳି ବିଶାଳ ଆଖି, ଦୀର୍ଘ ନାସା । ସୁନ୍ଦର ବୀର ପୁରୁଷ । ତାର ରୂପମାଧୁରୀକୁ ଯେତେ ଯେତେ ଦେଖୁଥିଲି, ସେତେ ସେତେ ମୁଗ୍ଧ ହେଉଥିଲି । ସେଦିନର ଶିଶୁ ମେଘନାଦ ଏବେ ତରୁଣ ଯୁବକ । ମୋର ପିତୃତ୍ୱର ଗୌରବକୁ ସାର୍ଥକ କରିର ସେ ଯେ ଜଣେ ବୀରପୁତ୍ର ହୋଇପାରିଛି, ତାହାହିଁ ମୋ ପାଇଁ ଯଥେଷ୍ଟ ସାନ୍ତ୍ୱନା ଥିଲା । ମୋର ଉତ୍ତରଦାୟାଦ ଭାବେ ସେ ଅନେକ କିଛି ଦାୟିତ୍ୱ ନେଇପାରିବ, ଆଗାମୀ ଦିନରେ ମୋତେ ସହାୟତା ଦେବ, ଏ ବିଶ୍ୱାସ ମୋର ବଦ୍ଧ ପରିକର ହୋଇଗଲା, ବାପାଙ୍କ ଠାରୁ ଶୁଣିଥିଲି, ପିତା ପୁତ୍ର ପାଇଁ ଏକ ଦୁର୍ଭେଦ୍ୟ କବଚ । ସୁରକ୍ଷାର ଭଣ୍ଡାର । ଏ ସୁରକ୍ଷା ଦେବାଟା ଏକ ଅନ୍ତର୍ନିହିତ ପ୍ରବୃତ୍ତି । କେହି ତାକୁ ଶିଖାଏନି ସ୍ୱତଃ ଜାଗ୍ରତ ହୁଏ । କାହାରି ଅନୁପ୍ରେରଣା ଅବା ଶିକ୍ଷାକୁ ଅପେକ୍ଷା କରେନି, ମୁଁ ଏବେ ସେହି ଗୌରବମୟ ପିତୃତ୍ୱର ଅଧିକାରୀ ହୋଇପାରିଛି । ମୋ ପିତାଙ୍କ ଠାରୁ ପିତୃତ୍ୱ ନାମକ ଶବ୍ଦର ଅର୍ଥ ସେଦିନ ବି ବୁଝଇଥିଲି ଯେଉଁଦିନ ମୋ ପିତା ମୋତେ ତାହା ବିଶଦ ଭାବେ ବୁଝାଇ ଦେଇଥିଲେ ।

ଆଜି କିନ୍ତୁ ରଣଭୂମିରେ ମୋର ରକ୍ତଜର୍ଜରିତ ଧୂଳିଧୂସରିତ ଶରୀର ଲୋଟିପଡ଼ିଛି, ମନେପଡୁଛି ପିତାଙ୍କ କଥା । ମୁଁ କ'ଣ ବାସ୍ତବରେ ମୋ ପୁତ୍ର ମେଘନାଦକୁ ସୁରକ୍ଷା ଦେଇପାରିଲି? ନା ତାକୁ ଜୀବିତ ରଖିପାରିଲି । ମେଘନାଦ ଯୁଦ୍ଧକ୍ଷେତ୍ରକୁ ଡେଇଁ ପଡ଼ିଥିଲା ନିଜ ପାଇଁ ନୁହେଁ, ତାର ଯୁଦ୍ଧ କରିବାରେ ନଥିଲା ମଧ ନିଜସ୍ୱ ସ୍ୱାର୍ଥ । ସେ ତ କେବଳ ମୋରି ପାଇଁ ଲଢୁଥିଲା ମୋର ବିଜୟ ପାଇଁ ଅସ୍ତ୍ର ଉଠାଇଥିଲା । ମୋର ତ୍ରିଭୁବନ ବିଜୟୀ ହେବାର ନିଶାର ଅନଳରେ ସେ ନିଜକୁ ଆହୁତି ଦେଇଥିଲା । ହେଲେ ମୁଁ ଜଣେ ପିତା ହିସାବରେ ତାକୁ କ'ଣ ସୁରକ୍ଷା ଦେଇପାରିଲି? ମୋର କାମନା ବାସନାର ନିଆଁକୁ ଜଳାଇ ରଖିବାପାଇଁ ମୋ ମନରେ ଆନନ୍ଦ ଦେବାପାଇଁ ମୋରି ସୁରକ୍ଷା ପାଇଁ ସେ ତ ନିଜକୁ ବଳିଦାନ ଦେଲା । ମୁଁ ଆଉ ରକ୍ଷା କରିପାରିଲି ।ନହିଁ । ଯୁଦ୍ଧ କ୍ଷେତ୍ରରେ ମେଘନାଦର ଜୀବନ ଲକ୍ଷ୍ମଣଙ୍କ ହାତରେ ଚାଲିଗଲା । ସେ ବୀରଗତି ପାଇଗଲା ସିନା, କିନ୍ତୁ ମୁଁ ସ୍ୱାର୍ଥାନ୍ଧ ପିତା । ନିଜର ପାପର କଳଙ୍କରେ ତାକୁ ମଧ ଭାଗୀଦାର କଲି । ସ୍ୱାର୍ଥର ଅଗ୍ନିରେ ଆହୁତି ଦେଲି ମୋର ପ୍ରିୟପୁତ୍ର ମେଘନାଦକୁ । ଏବେ ଅନ୍ତିମ ମୁହୂର୍ତ୍ତରେ ପୁତ୍ର ମୋହ ମୋତେ ମ୍ରିୟମାଣ କରି ତୋଳୁଛି । ଜୋରରେ କାନ୍ଦିବାକୁ ଇଚ୍ଛା ଥିଲେ ମଧ ଆଖିରୁ ଲୁହ ସବୁ ସରିଯାଇଛି ନା ମୁଁ ଏବେ ମୋ ଶରୀରର କ୍ଷତର ଜ୍ୱାଳାକୁ ଉପଶମ କରିପାରୁଛି ନା ମର କ୍ଷତକୁ । ଏସବୁ ଭାବିଲେ ମୁଁ ଯେ ପିତୃତ୍ୱର ଏକ ଚରମ କଳଙ୍କ ଏହା ଅସ୍ୱୀକାର କରିବି କେମିତି?

ସେଦିନ ମୋର ସ୍ୱାଗତସ୍ରୋତ ପରେ ରାଣୀ ମନ୍ଦେଦରୀଙ୍କ ସହ ପୁତ୍ର ମେଘନାଦ ମଧ ମୋତେ ଅନୁସରଣ କରିଥିଲା । ମୋତେ ଏବେ ମାତାମହଙ୍କ ସହ ଦେଖା କରିବାକୁ ପଡ଼ିବ । ଖବର ପାଇଥିଲି ମାତାମହ ଏବେ ରୋଗଶଯ୍ୟାରେ ଯନ୍ତ୍ରଣା ଭୋଗୁଛନ୍ତି । ମୁଁ ହତଭାଗା ତାଙ୍କୁ ଦୀର୍ଘଦିନ ପରେ ଦର୍ଶନ କରିବାକୁ ଯାଉଛି । ସୁମାଳୀ ରାକ୍ଷସ ମୋର ମାତାମହ । ମୋତେ ସେ ପ୍ରାଣାଧିକ ଭଲ ପାଉଥିଲେ । ସେ ହିଁ ଥିଲେ ରାକ୍ଷସକୁଳର ରାଜା । ଲଙ୍କାର ଅଧୀଶ୍ୱର ତାଙ୍କରି ହେବା କଥା । ହେଲେ ମୋ ପ୍ରତି ତାଙ୍କର ଅଦ୍ଭୁତ ଅନୁକମ୍ପା ଫଳରେ ମୁଁ ସିନା ଲଙ୍କାଧିପତିର ମୁକୁଟ ପିନ୍ଧିଛି ନହେଲେ ମାତାମହ ହିଁ ପ୍ରକୃତ ରାଜା । ମୁକୁଟର ଅଧିକାରୀ । ଅବଶ୍ୟ ତାଙ୍କଠାରୁ ମୁଁ ଜୋରଜବରଦସ୍ତି ରାଜମୁକୁଟ ଛଡ଼ାଇ ନେଇନି । ମୁଁ ଯାହା କିଛି ପାଇଛି କେବଳ ତାଙ୍କରି ସ୍ନେହ, ମମତା ଆଉ ଅନୁପ୍ରେରଣା ପାଇଁ । ମୋର ବିଶ୍ୱବିଜୟ ପଥରେ ସେ ହିଁ ମୋର ମାର୍ଗଦର୍ଶକ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫


# ବିଶ୍ୱାସର ମହାକୁମ୍ଭ ଓ ତୀର୍ଥରାଜ ପ୍ରୟାଗ




ଡ଼ଃ.ଅରୁନ୍ଧତୀ ଦେବୀ




ତପୋଭୂମି ପ୍ରୟାଗରାଜ କେବଳ ଏକ ଭୌଗୋଳିକ ଭୂଖଣ୍ଡ ନୁହେଁ, ଏହା ଆଧ୍ୟାତ୍ମିକ ଅନୁଭୂତିର କ୍ଷେତ୍ର। ପ୍ରୟାଗରାଜରେ ଧର୍ମ, ର୍ଥ, କାମ ଓ ମୋକ୍ଷ ପ୍ରାପ୍ତି ହୋଇଥାଏ। ସାଧୁ ସଦାନନ୍ଦଙ୍କ କହିବାନୁଯାୟୀ, ହଜାର ହଜାର ବର୍ଷ ଧରି ଚାଲି ଆସୁଥିବା ଆଧ୍ୟାତ୍ମିକ ଓ ସାଂସ୍କୃତିକ ଯାତ୍ରାର ଜୀବନ୍ତ ପ୍ରତୀକ ହେଉଛି ମହାକୁମ୍ଭ। ଏହି ଭବ୍ୟ ମେଳା ଧର୍ମ, ଜ୍ଞାନ, ଭକ୍ତି ଓ କଳାର ଏକ ଦିବ୍ୟ ସମାଗମ। ପ୍ରୟାଗରେ ସ୍ନାନ କରୁଥିବା ବ୍ୟକ୍ତି ପାପରୁ ମୁକ୍ତି ପାଇଥାଏ ବୋଲି ବିଶ୍ୱାସ ରହିଛି। ରାଜା ସମ୍ରାଟଙ୍କ ଯୁଗ ହେଉ ଅଥବା ଶହ ଶହ ବର୍ଷର ବ୍ରିଟିଶ ଦାସତ୍ୱର ଯୁଗ, ବିଶ୍ୱାସର ଏହି ପ୍ରବାହ କେବେ ବନ୍ଦ ହୋଇନାହିଁ। କୁମ୍ଭ ହେଉଛି ମନୁଷ୍ୟର ଅଭ୍ୟନ୍ତରୀଣ ଚେତନା। ଯେଉଁ ଚେତନା ସ୍ୱତଃ ଜାଗ୍ରତ ହୋଇଯାଏ ଏବଂ ଭାରତର କୋଣଅନୁକୋଣରୁ ଲୋକଙ୍କୁ ସଙ୍ଗମ କୂଳକୁ ଆକର୍ଷିତ କରିଥାଏ।

କୁମ୍ଭମେଳାର ଉଲ୍ଲେଖ ପୁରାଣରେ ଥିଲେ ବି ଏହି ସଂଗଠିତ ଉତ୍ସବର ଏକ ଇତିହାସ ମଧ୍ୟ ରହିଛି ଯାହା ହଜାର ହଜାର ବର୍ଷରେ ଅଧିକ ବିକଶିତ ହୋଇଛି। ଐତିହାସିକ ସଂଦର୍ଭରୁ ଦାବି କରାଯାଏ ଯେ ଏହି ଆୟୋଜନ ଦୁନିଆର ସବୁଠୁ ବଡ଼ ଧାର୍ମିକ ମେଳା। କିଛି ପ୍ରାଚୀନ ଶିଳାଲେଖାରୁ ମିଳିଥିବା ପ୍ରାମାଣିକ ତଥ୍ୟ ଅନୁସାରେ ଏକଥା ମଧ୍ୟ ବିଶ୍ୱାସ କରାଯାଇଥାଏ ଯେ ମୌର୍ଯ୍ୟ ଏବଂ ଗୁପ୍ତ ଯୁଗରେ ମଧ କୁମ୍ଭମେଳାର ଅସ୍ତିତ୍ୱ ଥିଲା। ଚୀନର ପରିବ୍ରାଜକ ହୁଏନସାଂ ସପ୍ତମ ଶତାବ୍ଦୀରେ ପ୍ରୟାଗରାଜରେ ଏକ ଭବ୍ୟ ଆୟୋଜନର ଉଲ୍ଲେଖ କରିଥିଲେ, ଯେଉଁଠି ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲ। ସେହି ଆୟୋଜନକୁ ସେ କୁମ୍ଭମେଳା ବୋଲି ସ୍ପଷ୍ଟ ରୂପେ ଉଲ୍ଲେଖ କରିନଥିଲେ ବି ତାଙ୍କର ସେହି ସନ୍ଦର୍ଭ କୁମ୍ଭ ମେଳାକୁ ଇଶାରା କରିଥାଏ ବୋଲି ଐତିହାସିକମାନେ ମତ ଦିଅନ୍ତି।

ମୋଗଲ ସମ୍ରାଟ ଆକବର ପ୍ରୟାଗରାଜର ପବିତ୍ରତାକୁ ମାନ୍ୟତା ଦେଇଥିଲେ ଏବଂ ଏହି କ୍ଷେତ୍ରକୁ ଆହ୍ଲାବାଦ ବୋଲି ନାମକରଣ କରିଥିଲେ। ଆକବରଙ୍କ ଐତିହାସିକ ଅବୁଲ ଫଜଲ ନିଜ ପୁସ୍ତକ 'ଆଇନ-ଏ-ଆକବରି'ରେ ତ୍ରିବେଣୀ ସଙ୍ଗମରେ ଆୟୋଜିତ ବାର୍ଷିକ ମେଳା ଏବଂ ସ୍ନାନ ସମାରୋହ ବିଷୟରେ ବର୍ଣ୍ଣନା କରିଯାଇଛନ୍ତି। ବ୍ରିଟିଶ ପ୍ରଶାସନ ୧୮୫୮ ମସିହାରେ ପ୍ରଥମ ସ୍ୱୀକୃତିପ୍ରାପ୍ତ କୁମ୍ଭ ମେଳାର ଆୟୋଜନ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ବିଶାଳ ସମାବେଶ ଦେଖି ବ୍ରିଟିଶ ଅଧିକାରୀମାନେ ସ୍ନାନ ଘାଟ ଏବଂ ପରିମଳ ବ୍ୟବସ୍ଥା ଭଳି ମୌଳିକ ସଂରଚନାରେ ସୁଧାର ଆଣିବା ଆରମ୍ଭ କରିଥିଲେ।

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ଭାରତ ସରକାର ମହାକୁମ୍ଭର ଆୟୋଜନ ନିଜ ହାତକୁ ନେଇଥିଲେ। ୧୯୫୪ ମସିହାରେ କୁମ୍ଭ ମେଳାକୁ ବିଶେଷ ଭାବେ ମନେ ରଖାଯାଏ। କାରଣ ତାହା ପ୍ରଥମ ମେଳା ଥିଲା ଯାହା ପାଇଁ ସମର୍ପିତ ବଜେଟ ଆବଣ୍ଟିତ କରାଯାଇଥିଲା। କୁମ୍ଭର ପ୍ରଥମ ବଜେଟ ପ୍ରାୟ ୧ କୋଟି ୧୦ ଲକ୍ଷ ଟଙ୍କା ଥିଲା। ଏହା ପରଠାରୁ ଏହି ବିଶାଳ ଆୟୋଜନର ପ୍ରବନ୍ଧନରେ ଏକ ନୂଆ ଯୁଗର ଆରମ୍ଭ ହେଲା। କାଳକ୍ରମେ କୁମ୍ଭ ମେଳାରେ ବି ଆଧୁନିକତାର ସ୍ପର୍ଶ ଲାଗିଲା। ୨୦୧୩ ଏବଂ ୨୦୧୯ର କୁମ୍ଭ ମେଳାରେ ଆଧୁନିକ ଟେକ୍ନୋଲୋଜିର ଉପଯୋଗ କରାଗଲା, ଯେଉଁଥିରେ ଡ୍ରୋନ, ଡିଜିଟାଲ ମାନଚିତ୍ର ଏବଂ ମୋବାଇଲ ଆପର ଉପଯୋଗ କରାଗଲା। ଏହାଦ୍ୱାରା ସୁରକ୍ଷା, ମାର୍ଗଦର୍ଶନ ଏବଂ ଗହଳି ନିୟନ୍ତ୍ରଣ ସୁନିଶ୍ଚିତ କରାଯାଇପାରିଲା। ୨୦୧୭ ମସିହାରେ କୁମ୍ଭ ମେଳା ୟୁନେସ୍କୋ ଦ୍ୱାରା ମାନବତାର ଅନନ୍ୟ ସାଂସ୍କୃତିକ ଐତିହ୍ୟ ଭାବେ ମାନ୍ୟତା ଲାଭ କଲା। ବର୍ତ୍ତମାନ ଚାଲିଥିବା କୁମ୍ଭମେଳା 'ମହାକୁମ୍ଭ' ନାମରେ ନାମିତ ଏବଂ ଏହା ଭକ୍ତି, ଶ୍ରଦ୍ଧା, ଆସ୍ଥା ଓ ବିଶ୍ୱାସର ଅଦ୍ଭୁତ ସମନ୍ୱୟ ରୂପେ ସାରା ବିଶ୍ୱବାସୀଙ୍କ ହୃଦୟକୁ ଆନ୍ଦୋଳିତ କରିଛି।


+ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦


## ତଥାପି ମଣିଷ ହସେ


ପ୍ରମିଉମିତା ଜାନା


ଆକାଶର ତାରାକୁ ପଚାରି ବୁଝ
ସେ ଚନ୍ଦ୍ରର ମୃତ୍ୟୁକୁ ସହ୍ୟ
କରିପାରେ କି ନା
ମେଘର ଛାୟାକୁ ପଚାରି ବୁଝ
ବିଜୁଳିରେ ଅଗ୍ନି ସଂଯୋଗ
କରେ କାହିଁକି।

ଟିକ୍ ଟିକ୍ ଆଲୁଅକୁ ପଚାରି ବୁଝ
ସେ ଅନ୍ଧକାରକୁ ଭୟ କରେ କି ନା
ହାତର ରେଖାକୁ ପଚାରି ବୁଝ
ଘଣ୍ଟା କଣ୍ଟାରେ ସେ ବଦଳି ଯାଏ କାହିଁକି।

ଆଖିକୁ କେବେ ପଚାରି ବୁଝ
ସେ ଅହରହ ସ୍ୱପ୍ନର ଜାଲରେ
ଛନ୍ଦି ହୁଏ କି ନା
କଅଁଳ ଓଠକୁ ଥରେ ପଚାରି ବୁଝ
ଚକ୍ଷୁର ଲୁହକୁ ଶୋଷି ନିଏ କାହିଁକି।

ସୂର୍ଯ୍ୟକୁ କେବେ ପଚାରି ବୁଝ
ସେ ନିଜର ତାପରେ ନିଜେ ଜଳେ କି ନା
ବାସ୍ତବତାକୁ ପଚାରି ବୁଝ
ଅବାସ୍ତବତା ପଛରେ ଧାଏଁ କାହିଁକି।

ଜୀବନକୁ ଥରେ ପଚାରି ବୁଝ
ସେ ହୃଦରେ କୋହକୁ ଚାପି ରଖେ କି ନା
ହସକୁ ଥରେ ପଚାରି ବୁଝ ତ
ଯନ୍ତ୍ରଣା ଭିତରେ ସେ ହସେ କାହିଁକି।


+ପୁରୀ -୭୫୨୦୦୨
ମୋ: ୭୭୧୯୦୫୬୬୬୩




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାର)

# ତ୍ରିପାଦମେଦିନୀ


ଜ୍ୟୋସ୍ନାମୟୀ ପଣ୍ଡା




॥ ଭାଗ-୭୭ ॥

ସନ୍ଧ୍ୟା ସମୟ । ସୂର୍ଯ୍ୟ ଅସ୍ତାଚଳ ଗାମୀ। ପଶ୍ଚିମ ଆକାଶ ରକ୍ତିମ ତଥା ଫଲଗୁ ମିଶ୍ରିତ ବର୍ଣ୍ଣ ବିଭାରେ ଅତୀବ ରମଣୀୟ ବୋଧ ହେଉଛି। ପ୍ରଜାପତି କଶ୍ୟପ ବିଜ୍ଞାନ ଶାଳାର କାର୍ଯ୍ୟ ଶେଷ କରି ଯଜ୍ଞଶାଳାରେ କାର୍ଯ୍ୟରତ ଅଛନ୍ତି। ଯଜ୍ଞ ବେଦୀ ରେ ପ୍ରଜ୍ୱଳିତ ହେଉଛି ଲେଲିହାନ ଅଗ୍ନିର କ୍ଷଶିଖା। କଶ୍ୟପ ଉଚ୍ଚ ସ୍ୱରରେ ଅଗ୍ନି ଦେବଙ୍କ ମନ୍ତ୍ର ପାଠ କରି ଘୃତାହୂତି ପ୍ରଦାନ କରୁଅଛନ୍ତି। ଏହି ସମୟରେ ତାଙ୍କର ଦ୍ୱିତୀୟା ପତ୍ନୀ ଦିତି ଯଜ୍ଞଶାଳାରେ ପ୍ରବେଶ କଲେ। ଏ କ'ଣ ? ଦିଦିଙ୍କର ବସନ ଭୂଷଣର କୌଣସି ଠିକ ଠିକଣା ନାହିଁ । ଚକ୍ଷୁ ଦ୍ୱୟ ଚଞ୍ଚଳ ଓ ମଦିରାଭରା। ଗ୍ରୀବାର ପ୍ରଲମ୍ବିତ ଅଳଙ୍କାରର ଅନ୍ତରାଳରୁ ପ୍ରସ୍ଫୁଟିତ ଅର୍ଦ୍ଧମୁକୁଳିତ ନବ ଯୌବନ, ତୀକ୍ଷ୍ଣ ଉଚ୍ଚ ଉରଜ ଏବଂ ନିତମ୍ବକୁ ଆଚ୍ଛାଦିତ କରୁଥିବା ସଂକ୍ଷିପ୍ତ ଖର୍ଜ୍ଜୁର ପତ୍ରର ପଟି ତଳେ ଉନ୍ମୁକ୍ତ ଘନ ବର୍ତ୍ତୁଳ ଜଘନ। ସେ ଆସି କଶ୍ୟପଙ୍କ ନିକଟରେ ବସି ସଜୋରେ ତାଙ୍କର ବାହୁ ମୂଳକୁ ମୁଷ୍ଟି ବଦ୍ଧ କରି ଝିଙ୍କିବାରେ ଲାଗିଲେ।

'ଏ କ'ଣ କରୁଛ ଦିତି ? ମୋତେ ମନ୍ତ୍ରାହୂତି ଦେବାକୁ ଦିଅ।' କଶ୍ୟପ ଅନୁନୟ କଲେ। କିନ୍ତୁ ଦିତି କଶ୍ୟପଙ୍କର ଅନୁରୋଧ ପ୍ରତି ଦୃଷ୍ଟି ନ ଦେଇ ପୁନର୍ବାର ତାଙ୍କ ବାହୁ ମୂଳକୁ ଝିଙ୍କିବାରେ ଲାଗିଲେ ଓ ସେ ବ୍ୟତି ବ୍ୟସ୍ତ ହୋଇ ତାଙ୍କ ଆଡେ ଚାହିଁବାରୁ ଦିତି ନୀରବରେ ଦୂରକୁ ଅଙ୍ଗୁଳି ଦେଖାଇ ଦେଲେ, ଯେଉଁଠାରେ ନର୍ମଦା ତୀରରେ ସୁରଭିଙ୍କଠାରୁ ଜନ୍ମିତ ଏକ ବୃଷ ଏକ ଋତୁବତୀ ଗାଭୀ ସହିତ କ୍ରୀଡା କରୁଥିଲା। ଅଦୂରରେ ନର୍ମଦା ଜଳରେ ମରାଳ ମରାଳୀ ଯୁଗଳ ପରସ୍ପରକୁ ଚଞ୍ଚୁଘାତ କରୁଥିଲେ ଏବଂ ବନାନୀର ହୁଙ୍କା ମଧ୍ୟରେ ଦୁଇଟି ସର୍ପ, ସର୍ପିଣୀ ପରସ୍ପର ସହିତ ଛନ୍ଦି ହୋଇ ରହିଥିଲେ। କଶ୍ୟପ ବୁଝି ପାରିଲେ ଯେ ଏହି ଉତ୍ତେଜକ ଦୃଶ୍ୟସବୁ ଦେଖି ଦିତିଙ୍କ ଶରୀରରେ କାମ ଇଚ୍ଛା ଜାଗ୍ରତ ହୋଇଛି। ବାସ୍ତବରେ ଦୀର୍ଘ ଦିନ ଧରି ସେ ପ୍ରଜାପତି ଦକ୍ଷଙ୍କର କନ୍ୟାମାନଙ୍କୁ ବିବାହ କଲେ ମଧ ନିଜ ଗବେଷଣାରେ ବ୍ୟସ୍ତ ରହି ଏହି ପର୍ଯ୍ୟନ୍ତ ଦିତିଙ୍କ ବିଷୟରେ ଚିନ୍ତା କରିନାହାନ୍ତି। ଦିତି ସାମାନ୍ୟ କୃଷ୍ଣଅଙ୍ଗୀ କିନ୍ତୁ ଦୀର୍ଘାଙ୍ଗୀ ଓ ତାଙ୍କର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗର ମାଂସ ପେଶୀ ଓ ଅସ୍ଥି ଅତୀବ ପରିପୁଷ୍ଟଓ ଶକ୍ତିଶାଳୀ। ସେ ମନ୍ଦୋ ଦରୀ । ତାଙ୍କ କ୍ଷୀଣ କଟିର ଉଭୟ ପାର୍ଶ୍ୱରେ ତୀକ୍ଷ୍ଣ, ଉଚ୍ଚ, ନିତମ୍ବଓ କଠିନ ବର୍ତ୍ତୁଳ ଉରଜ। ଦୁଇଟି ମୀନପରି ଖୁବଟଣା ଟଣାନୟନ ଓ ତୀକ୍ଷ୍ଣ, ଦୃଢ଼ ଦଶନ ଗୁଡିକ ଶୁଭ୍ରତାରେ ଚକ ଚକ କରୁଥାଏ। କବି କଳ୍ପନାର ଚନ୍ଦ୍ରମୁଖୀ, ଚମ୍ପକ ଗୌରୀ ଓ ବ୍ରିଡାବତୀ ନ ହେଲେ ମଧ ତାଙ୍କ ଚେହେରାରୁ ଜଣାଯାଏ ସେ ଅତ୍ୟନ୍ତ ଆକର୍ଷଣୀୟା, କାମୁକୀ ତଥା କାମ ଉଦ୍ରେକ କାରିଣୀତରୁଣୀ। ତେଣୁ ଆଜି ତାଙ୍କର ଏହି ଅନଙ୍ଗ ଜ୍ୱାଳା ପାଇଁ ସେ ନିଜେହିଁ ଦାୟୀ । ତାହା ବୋଲି ଯଜ୍ଞରେ ଏହି ଘୃତାହୂତି ଦେବା ସମୟରେ ବା କ'ଣ କରାଯାଇପାରେ ! ସେ କିଛି ନକହି ସାମାନ୍ୟ ସ୍ମିତ ହସି ଦିତିଙ୍କ ଆଡ଼କୁ ଚାହିଁ ସମ୍ମତି ସୂଚକ ଶିର ହଲାଇଲେ ଓ ପୁଣି ଆହୂତି ଦେବାରେ ଲାଗିଗଲେ। ଏଥର ବାଧ ହୋଇ ପାଟି ଖୋଲିଲେ ଦିତି। 'ମନ୍ତ୍ରାହୂତି ସେତିକିରେ ବନ୍ଦ କର ପ୍ରଜାପତି। ମୁଁ ଯୋଡ଼ ହସ୍ତ କପାଳରେ ଲଗାଇ ତୁମକୁ ନିବେଦନ କରି ସତ୍ୟ କହୁଛି। କନ୍ଦର୍ପଏବେ ତାର ପୁଷ୍ପଧନୁ ଧରି କଦଳୀ ବନକୁ ଗଜ ଦଳନ କରିବା ପରି ମୋର ଅଙ୍ଗ ପ୍ରତ୍ୟଙ୍ଗକୁ ଉତ୍ତେଜିତ କରୁଛି। ରତି ସମ୍ଭୋଗ ବ୍ୟତୀତ ଅନ୍ୟକୌଣସି କାର୍ଯ୍ୟରେ ମୋର ମନ ଲାଗୁ ନାହିଁ। କଶ୍ୟପ ଚମ କି ଉଠିଲେ। ଦିତିଙ୍କର ଏ'କି ରୁଚି ହୀନ ସଂସ୍କାର ? ଇଏ କି ସଂସ୍କାର ହୀନ ପ୍ରସ୍ତାବ ? ଯଜ୍ଞାହୂତି ସମୟରେ ରତି କ୍ରୀୟା ? ସେ ଅଦିତିଙ୍କଠାରୁ ନିଜ ବାହୁକୁ ମୁକ୍ତ କରି ନେବାର ଚେଷ୍ଟା କରି କହିଲେ,'ସଂଯତ ହୁଅ ଦିତି, ନିଜକୁ ସମ୍ଭାଳି ନିଅ। ଏହା ରତି କରିବାର ସମୟ ନୁହେଁ।'

ଦିତି ଅତୃପ୍ତି ଜନିତ କ୍ରୋଧରେ ଅସ୍ଥିରହୋଇପଡିଲେ। 'ସମୟ ଆଉ ଅସମୟ,, ସେ ସବୁ ବୃଦ୍ଧ ମାନେ ବିଚାର କରନ୍ତି ପ୍ରଜାପତି। କିନ୍ତୁ ଯୌବନ ଅନ୍ଧ ଅଟେ ।ଉତ୍ତେଜନା ର ତାଡ଼ନାକୁ ସହଜରେ ସହ୍ୟ କରିଯିବା ଯୁବା ବୟସରେ ସମ୍ଭବ ନୁହେଁ । ଦେଖ, ବନରେ ସିଂହ, ସିଂହୀ, କରି, କରିଣୀ, ହଂସ, ହଂସୀ, ମୃଗ, ମୃଗୀ ମିଳନର ଋତୁ ଆସିଲେ ବିନା ଚିନ୍ତାରେ ପ୍ରକୃତିର ନିର୍ଦ୍ଦେଶକୁ ମାନି ନେଉଛନ୍ତି।' ସେପରି କୁହନାହିଁ ଦିତି '। କଶ୍ୟପ ଭୟ ଭୀତ ହୋଇ ଉତ୍ତର ଦେଲେ। ତାଙ୍କର ଇଚ୍ଛା ହେଉଥିଲା, ସେ ଜୋରରେ ଦିତିଙ୍କ ଗଣ୍ଡରେ ଏକ ଚପୋଟା ଘାତ କରନ୍ତେ। କିନ୍ତୁ ବହୁ କଷ୍ଟରେ ସେ ନିଜକୁ ସମ୍ବରଣ କରିନେଲେ।' 'ତୁମେ ମୋର ମର୍ଯ୍ୟାଦାର ସୀମା ଲଙ୍ଘନ କରୁଛ ଦିତି। ସ୍ୱାମୀ ଜଣେ ବନ୍ଧୁ ନୁହେଁ। ମୁଁ ପ୍ରଜାପତି ମରିଚି ଋଷିଙ୍କର ପୁତ୍ର ଅଦିତି, ଯେଉଁ ଋଷିମାନେ ମାତ୍ର ଏକ ବର୍ଷରୁ ଦଶ ବର୍ଷ (ଶତରୁ ସହସ୍ର ବର୍ଷ ପର୍ଯ୍ୟନ୍ତ ସ୍ତ୍ରୀ ସହ ସହବାସ କରିଥାନ୍ତି ଓ ପୁତ୍ର, କନ୍ୟା ଜନ୍ମ ପରେ ଆଜୀବନ ବ୍ରହ୍ମ ଚର୍ଯ୍ୟ ପାଳନ କରିଥାନ୍ତି । ଏହି ସମୟରେ ସେମାନେ କେବଳ ଯୋଗ ମାଧମରେ ସଞ୍ଜମ ରକ୍ଷା ତଥା ସୁସ୍ଥ ରହିବା ପାଇଁ ପତ୍ନୀ ମାନଙ୍କ ସହ ସମ୍ପର୍କ ରଖିଥାନ୍ତି। ) 'ଦିତିଙ୍କୁ ବାରଣ କରିବା ସହିତ ହି ସେ ଅନବରତ ଯଜ୍ଞରେ ଘୃତାହୂତି ମଧ୍ୟ ପ୍ରଦାନ କରୁଥିଲେ। 'ଦିତି, ସାଧାରଣ ପ୍ରାଣୀମାନଙ୍କଠାରୁ ସୃଷ୍ଟି କର୍ତ୍ତା ଆମକୁ ଶ୍ରେଷ୍ଠତର କରି ପୃଥିବୀକୁ ପଠାଇଛନ୍ତି। ତେଣୁ ଇତର ପ୍ରାଣୀ ମାନଙ୍କୁ ପ୍ରକୃତି ନିୟନ୍ତ୍ରଣ କରୁଥିବା ବେଳେ ଆମେ ପ୍ରକୃତିକୁ ନିୟନ୍ତ୍ରଣକରିବାର ଶକ୍ତି ପାଇପାରିଛେ। ଆମେ ହିତ ଓ ଅହିତ, ଭଲ ଓ ମନ୍ଦ ତଥା ଠିକ ଓ ଭୁଲ ର ପ୍ରଭେଦ ନିର୍ଣ୍ଣୟ କରି ପାରୁଛେ ।' ଦିତି କିନ୍ତୁ ପୁର୍ବ ବତ୍ ଅସ୍ଥିର ଥିଲେ। ମୋର କିଛିଭୁଲ ନାହିଁ ପ୍ରଜାପତି। ମୁଁ ଯାହା କରୁଛି ତାହା ହିଁ ଠିକ କାର୍ଯ୍ୟ। କାରଣ ମୋ ପାଇଁ ତୁମେ କୌଣସି ପର ପୁରୁଷ ନୁହେଁ। ତୁମେ ମୋର ବିବାହିତ ସ୍ୱାମୀ। ଏ ଯଜ୍ଞାହୂତିରୁ କ୍ଷାନ୍ତ ହୋଇ ତୁମେ ଏବେ ଆମର ବିବାହ ସମୟର କଥା ଚିନ୍ତାକର । ମୋର ପିତା ଦକ୍ଷ ପ୍ରଜାପତି ଜାଣିଥିଲେ ଯେ ଆମ ଦୁଇ ଭଉଣୀଙ୍କ ଗର୍ଭରୁ ଯେତେ ପୁତ୍ର ଜନ୍ମ ହେବେ, ସେହିମାନେ ହିଁ ଏହି ପୃଥିବୀକୁ ପାଳନ କରିବେ। ଆମ ଭଗିନୀ ମାନଙ୍କର ରୂପ, ଗୁଣ, ଶାଳିନତା, ଭଦ୍ରତା ବିଷୟରେ ତୁମେ ଜଣିଅଛ। ତେଣୁ ତୁମ୍ଭେ ତାଙ୍କ ନିକଟକୁ କନ୍ୟା ଯାଚନା କରିବାକୁ ଯିବାରୁ ସେ ମୋର ସମ୍ମତି ମାଗିଥିଲେ। ମୁଁ ସମ୍ମତି ଦେବାରୁହିଁ ସେ ତୁମ ସହିତ ମୋର ବିବାହ ଦେଇଥିଲେ। ଆଉ ମୁଁମଧ ସମ୍ମତି ଦେଇଥିଲି କାହିଁକି ? ମୁଁ ଜାଣିଥିଲି ଯେ ଜଣେ ନବ ଯୌବନା ତରୁଣୀର କାମ ଇଚ୍ଛାକୁ ପୂର୍ଣ୍ଣ କରିବାକୁ ତୁମେ ସକ୍ଷମ। ତୁମେ ତାକୁ ସନ୍ତାନବତୀ କରିବାକୁ ସକ୍ଷମ। ହେ, ପ୍ରଜାପତି,ଏହା ପ୍ରମାଣ କରି ମୋତେ ସୁଭୋଗ କରି ଶୀଘ୍ର ଶାନ୍ତି ପ୍ରଦାନ କରନ୍ତୁ।" ତୁମେ ମୋର ପୁରୁଷତ୍ୱ ଉପରେ ଆକ୍ଷେପ କରି ମୋତେ କ୍ରୋଧାନ୍ଧ କରନାହିଁ ଦିତି। ମୁଁଜାଣେ ଦିତି, ଗୃହସ୍ଥର ଧର୍ମ କ'ଣ ! ପ୍ରାଣପ୍ରିୟା ପତ୍ନୀର କାମନାକୁ ପୂରଣ କରିବା ସହ ତାକୁ ସନ୍ତାନବତୀ କରିବା ପୁରୁଷର ଧର୍ମ। ପରିଶ୍ରମ କରି ଧନ ଅର୍ଜ୍ଜନ କରିବା ଓ କୁଟୁମ୍ବ ପରି ପୋଷଣ କରିବା ହେଉଛି ପୁରୁଷ ର ଧର୍ମ। କିନ୍ତୁ ବିଜ୍ଞ ହୋଇ ଥିବାରୁ ମୁଁଏହା ମଧ ଜାଣେ ଯେ ସନ୍ଧ୍ୟା ସମୟରେ ସହବାସ କଲେ ଦମ୍ପତ୍ତିଙ୍କର କ୍ଷତି ହୋଇଥାଏ ଓ ସନ୍ତାନ କୁସଂସ୍କାରୀ ହୁଏ। କାରଣ ଏହି ସନ୍ଧ୍ୟା ସମୟରେ ଭୂତ, ପ୍ରେତ ଓ ପିଶାଚ ମାନେ ଏକତ୍ରିତ ହୋଇଥନ୍ତି। ବେତାଳ ମାନେ ଭବାନୀ ମାନଙ୍କ ସହ ଆମକୁ ଲକ୍ଷ୍ୟ କରୁଛନ୍ତି। ହେ, ଦିତି, ଏହି ସନ୍ଧ୍ୟା ସମୟ ସେହି ପରଂ ବ୍ରହ୍ମ ବିଷ୍ଣୁଙ୍କ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ। ଯୋଗୀ ଓ ଋଷି ମାନେ ଗହନ ବନ ମଧ୍ୟରେ ଥାଇ ଏହି ସନ୍ଧ୍ୟା ସମୟରେ ଯୋଗ ଓ ତପସ୍ୟା ଦ୍ୱାରା ତାଙ୍କୁ ପ୍ରସନ୍ନ କରି ପାରିଲେ ଅଶେଷ ଅମୂଲ୍ୟ ସମ୍ପଦର ଅଧିକାରୀ ହୋଇପାରନ୍ତି। ବ୍ରହ୍ମା ତାହାଙ୍କର ଅଧୀନ ଅଟନ୍ତି। ଏହି ସୃଷ୍ଟିର ଜନ୍ମ, ପାଳନ ଓ ସଂହାର ତାହାଙ୍କ ଉପରେ ନିର୍ଭର କରେ। ତାଙ୍କର ପ୍ରସନ୍ନରୁ ଅଶେଷ ସୌଭାଗ୍ୟ ପ୍ରାପ୍ତ ହୁଏ।

କାଶ୍ୟପଙ୍କ ଯୁକ୍ତିରେ କଣ କୌଣସି ସତ୍ୟତା ଥିଲା ? ସେ କଣ ନିଜ ଯୁକ୍ତିରେ ଦିତିଙ୍କୁ ପରାଜିତ କରି ପାରିଥିଲେ ?


+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ବାରିପଦା , ୨୯/୧ (ନି.ପ୍ର): ସ୍ଥାନୀୟ ପୋଲିସ ପେରେଡ ପଡିଆରେ ମା' କିଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ଓ ରିଜର୍ଭ ଇନସପେକ୍ଟରଙ୍କ ତତ୍ତ୍ୱାବଧାନରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ସର୍ବମୋଟ ୫ଟି ଭଲିବଲ ଦଳ ଅଂଶ ଗ୍ରହଣ କରିଥିଲେ ଯଥା ମା' କିଚକେଶ୍ୱରୀ ଟିମ, ୫ମ ବାଟାଲିୟନ, ଷ୍ଟୁଡେଣ୍ଟ ଟିମ, ବଡବ୍ରାହ୍ମଣମରା ଓ ବାରିପଦା ରିଜର୍ଭ ପୋଲିସ ଭଲିବଲ ଟିମ । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚର ବାରିପଦା ରିଜର୍ଭ ପୋଲିସ ଟିମ୍ ଚମ୍ପିୟାନ ହୋଇଥିବା ବେଳେ ଓ ମା' କିଚକେଶ୍ୱରୀ ଟିମ ରନର୍ସ ଅପ୍ ହୋଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦୀପକ କୁମାର ଗୋଚ୍ଛାୟତ ଓ ସମ୍ମାନିତ ଅତିଥି ଭାବେ କମାଣ୍ଡାଣ୍ଟ ୫ମ ବାଟାଲିୟମ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀଯୁକ୍ତ ସୁବାସିସ ନାୟକ, ଆର.ଆଇ. ଅଫ୍ ପୋଲିସ ଶ୍ରୀଯୁକ୍ତ ଆଲୋକ କୁମାର କାନୁନ୍‌ଗୋ, ହୋମଗାର୍ଡ ଆର.ଆଇ, ଶ୍ରୀଯୁକ୍ତ ସରୋଜ କୁମାର ବେହେରା, ମୟୂରଭ ଜିଲ୍ଲା ଆଥଲେଟିକ ଏସୋସିଏସନର ସମ୍ପାଦକ ଶ୍ରୀ ବିଜୟ କୁମାର ଦାସ ପ୍ରମୁଖ ଖେଳରେ ଭାଗନେଇ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ ଓ ଭଲିବଲ ସେକ୍ରେଟେରୀ ପାର୍ଥ ସାରଥୀ ସ୍ୱାଇଁ ପୋଲିସ ସଂଘ ସ୍ୱରାଜ କୁମାର ରାଜ, ଆଇ.ପି.ଇ. ଶ୍ରୀଯୁକ୍ତ ଭାଗିରଥୀ ମଲ୍ଲିକ, ସହ-ସମ୍ପାଦକ ଆଥଲେଟିକ ଶ୍ରୀଯୁକ୍ତ ଅମ୍ବିକା ରାଉତ, ବରିଷ୍ଠ କୃଷକ ଶ୍ରୀଯୁକ୍ତ ଗୋବିନ୍ଦ ମହାପାତ୍ର, ଶ୍ରୀଯୁକ୍ତ ଭାନୁପ୍ରତାପ ଭଂଜଦେଓ, ପ୍ରଭାସ ସାହୁ, ବିଜୟ କୁମାର ଜେନା, ସୁନ୍ଦରମୋହନ ଜୀଉ, ସମାଜସେବୀ ସୋମନାଥ ସିଂହ, ବରିଷ୍ଠ ଭଲିବଲ ଖେଳାଳୀ ଶ୍ରୀଯୁକ୍ତ ମୁକ୍ତେଶ୍ୱର ଜୀଉ ଏବଂ ଶ୍ରୀ ବିଜୟ କୁମାର ଜେନା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ ଓ ପ୍ରେରଣା ଦେଇଥିଲେ । ଏହି ଖେଳକୁ ପରିଚାଳନା କରିଥିଲେ ଶ୍ରୀଯୁକ୍ତ ମନରଂଜନ ଜୀଉ (ଏନ.ଆଇ.ଏସ. କୋଚ), ହରିହର ମଲ୍ଲିକ , ଦୀପକ କୁମାର ବେହେରା, ରାଜେଶ ଦାସ, ଜାତୀୟ ରେଫରୀ, ଚନ୍ଦ୍ର ମୋହନ ଦଳେଇ ଏବଂ ରାଜେନ୍ଦ୍ରନାଥ ନାୟକ ଖେଳକୁ ପରିଚାଳନା କରିଥିଲେ । ଶ୍ରେଷ୍ଠ ଖେଳାଳୀ ଭାବେ ସ୍ନେହାଶିଷ ମହାନ୍ତି, ଅନ ବେହେରା, ଜନ୍ମେଜୟ ଦେହୁରୀ, ପ୍ରକାଶ ପାତ୍ର, ଜିତେନ୍ଦ୍ର କୁମାର ଜେନାଙ୍କୁ ପୁରସ୍କୃତ କରାଯାଇଥିଲା କୁନି କୁନି ପିଲାମାନଙ୍କ ନେଇ ଗୀତ, ଡିବେଟ, ମ୍ୟୁଜିକ ଚେୟାର, ଫେନସୀ ଡ୍ରେସ, ଚିତ୍ରାଙ୍କନ ପ୍ରତିଯୋଗିତା କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଚିତ୍ରାଙ୍କନ ପ୍ରତିଯୋଗୀତାରେ - ଜେବରାଜ ପାତ୍ର - ପ୍ରଥମ, କୌଶିକ ଦାସ - ଦ୍ୱିତୀୟ, ଲଳିତ ପାତ୍ର - ତୃତୀୟ, ଜୁନିୟର ବାଳିକା ବିଭାଗରେ - ମାମିନା ତ୍ରିପାଠୀ -ପ୍ରଥମ, ସାଇନା ଅବିପ୍ସା କଳିଆ - ଦ୍ୱିତୀୟ, ଅଂଶିକା ଟୁଡୁ - ତୃତୀୟ, କ୍ରାପ୍ଟ ବାଳିକାରେ - ମେଘା ପ୍ରିୟଦର୍ଶିନୀ ଦାସ - ପ୍ରଥମ, ରୁବଲୀ ବେନ୍ତାଳ - ଦ୍ୱିତୀୟ, ସ୍କି ବଲ ପ୍ରତିଯୋଗିତାରେ - ବାପି କୁମାର ଦାସ - ପ୍ରଥମ, ଦୀକ୍ଷିତ ବେହେରା -ଦ୍ୱିତୀୟ, ମୀନାକ୍ଷୀ ସରେନ - ତୃତୀୟ, ମ୍ୟୁଜିକ ଚେୟାର - ବିଦ୍ୟାଶା ପାତ୍ର - ପ୍ରଥମ, ତେଜସ ମହାନ୍ତ - ଦ୍ୱିତୀୟ, ଗାୟତ୍ରୀ ସାହୁ - ତୃତୀୟ, ସୁନ୍ଦର ହସ୍ତାକ୍ଷର ପ୍ରତିଗୋଗିତାରେ - ଶୁଭ୍ରାଂଶୁ ପାତ୍ର, ଶୃଙ୍ଖଳିତ ଆଚରଣ - ଦିକ୍ଷୀତ ବେହେରା, ଧୀର ଚାଲିରେ - କୌଶିକ ଦାସ - ପ୍ରଥମ, ଦେବରାଜ ପାତ୍ର - ଦ୍ୱିତୀୟ, ବାପି କୁମାର ପାତ୍ର - ତୃତୀୟ, ବେଙ୍ଗ ଡିଆଁରେ - ହିମାଲବିର ଟୁଡୁ-ପ୍ରଥମ, ଲଳିତ କୁମାର ପାତ୍ର- ଦ୍ୱିତୀୟ, ବିଦ୍ୟାଶା ପାତ୍ର-ତୃତୀୟ, ଧୀର ପଛୁଆ ଚାଲିରେ - ନିୟାମଶୁ ସିଂ - ପ୍ରଥମ, ଭାଗ୍ୟଶ୍ରୀ ଦାସ - ଦ୍ୱିତୀୟ, ପ୍ରତ୍ୟାଶା ନାୟକ - ତୃତୀୟ, ଶ୍ରେଷ୍ଠ କୋରିୟଗ୍ରାଫର - ଦିବ୍ୟଜ୍ୟୋତି ଜୀଉ - ପ୍ରଥମ, ଜୟଶ୍ରୀ ସିଂ-ଦ୍ୱିତୀୟ, ହିମାନୀ ପାତ୍ର - ତୃତୀୟ, ନୃତ୍ୟ ( ବାଳକ )ରେ - ଆଦିତ୍ୟ କୁମାର ପାତ୍ର - ପ୍ରଥମ, ରାଜକିଶୋର ମୁର୍ମୁ - ଦ୍ୱିତୀୟ, ଦିପ୍ତିମ ମହା'-ତୃତୀୟ, ନୃତ୍ୟ (ବାଳିକା)ରେ - ମାମୀନା ତ୍ରିପାଠୀ - ପ୍ରଥମ, ଦେବାଂଶୀ ମହାନ୍ତ-ଦ୍ୱିତୀୟ, ଅଂଶିକା ଟୁଡୁ - ତୃତୀୟସ୍ଥାନ ଅଧିକାର କରିଥିଲେ । ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ବିଭୁତି ଚନ୍ଦନ ରାଜ ବିବେଚିତ ହୋଇଥିଲେ । ଏହି ଖେଳକୁ ପରିଚାଳନା କରିଥିଲେ ଶ୍ରୀମତୀ ଶାନ୍ତିଲତା ଜୀଉ ଓ ହିମାଂଶୁ ରାଜ । ସର୍ବଶେଷରେ ସଭାପତି ଶ୍ରୀଯୁକ୍ତ ମୁକ୍ତେଶ୍ୱର ଜୀଉ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସଂଗେ ସଂଗେ ଶୀ ଶୃଙ୍ଖଳାର ସହିତ ରାଜ୍ୟ ତଥା ଦେଶରେ ସୁନାମ ଅର୍ଜନ କରିବା ପାଇଁ ପ୍ରେରଣା ଦେଇ ସଭାକାର୍ଯ୍ୟକୁ ସାଙ୍ଗ କରିଥିଲେ ।

# ପଂଚାୟତ ବିକାଶ ଯୋଜନାର ଶୁଭାରମ୍ଭ

ଜୟପୁର, ୨୯/୧ (ନି.ପ୍ର): ଗଣତନ୍ତ୍ର ଦିବସ ଅବସରରେ ଅର୍ଥାତ୍ ଜାନୁଆରୀ ୨୬, ୨୦୨୫ରେ ଲମତାପୁଟ ବ୍ଲକ ଗୁନେଇପଡା ଗ୍ରାମ ପଂଚାୟତର ସରପଂଚ ଶ୍ରୀମତୀ ବବି ମୁଦୁଲିଙ୍କ ଦ୍ୱାରା ଏବଂ ଜୟପୁରସ୍ଥିତ ଏମ ଏସ ସ୍ୱାମିନାଥନ ଗବେଷଣା ପ୍ରତିଷ୍ଠାନ ସହଯୋଗରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ଭି.କ୍ରିଥି ବାସନ, ଆଇଏଏସ୍ , କୋରାପୁଟ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ଶବର ଓଏଏସ୍ (ଏସ୍) ଏବଂ ବ୍ଲକ ଉନ୍ନୟନ ଅଧିକାରୀ ଜୟନ୍ତ ମେହେର ଓଏଏସ୍-ଏ(ଜେବି)ଙ୍କ ତତ୍ତ୍ୱାବଧାନରେ ଏହା ଆରମ୍ଭ ହୋଇଛି । । ଜିଲ୍ଲାର ପ୍ରତି ବ୍ଲକର ଅତି କମରେ ଗୋଟିଏ ଗ୍ରାମ ପଂଚାୟତକୁ ଆଦର୍ଶ ପଂଚାୟତ କରିବା ଏହି ପ୍ରୟାସର ମୂଳ ଲକ୍ଷ୍ୟ । ପଂଚାୟତ ସମ୍ପ୍ରସାରଣ ଅଧିକାରୀ ଓ ବିଭିନ୍ନ ସାମାଜିକ ବର୍ଗର ପ୍ରତିନିଧି ମୁଖ୍ୟଙ୍କ ଉପସ୍ଥିତିରେ ଗ୍ରାମସଭାର ସଭାପତି ଶ୍ରୀମତୀ ବାବି ମୁଦୁଲି ଗ୍ରାମ ପଂଚାୟତ ବିକାଶ ଯୋଜନାକୁ ଅନୁମୋଦନ କରିଥିଲେ । ଗ୍ରାମବାସୀଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇ ପର୍ଯ୍ୟାୟକ୍ରମେ ଏହାକୁ ଠିକ୍ ସମୟରେ କାର୍ଯ୍ୟକାରୀ କରିବାକୁ ସେ ପ୍ରତିଶୃତି ଦେଇଛନ୍ତି । ମୁଖ୍ୟ ଆବଶ୍ୟକତା ରୂପେ ସୁରକ୍ଷିତ ପାନୀୟ ଜଳ, ଚାଷ ପାଇଁ ଜଳସେଚନର ସୁବିଧା, ଅଙ୍ଗନବାଡ଼ି କେନ୍ଦ୍ର ବ୍ୟବସ୍ଥା, ବିବିଧ ଜୀବିକା ବିକଳ୍ପର ସୁବିଧା, ପରିମଳ ଓ ସ୍ୱଚ୍ଛତା ପରିଚାଳନା ଏବଂ ଜଙ୍ଗଲର ପୁନଃଜନନ ଆଦିର ପ୍ରାଥମିକତା ରହିଛି । ଏଥିପାଇଁ ଏମ ଏସ ସ୍ୱାମିନାଥନ ଗବେଷଣା ପ୍ରତିଷ୍ଠାନ, ସମ୍ପୋଷଣ ପ୍ରକଳ୍ପର ଡ. ଭାରତୀ ସାହୁ, ପ୍ରକଳ୍ପ ସଂଯୋଜକ ନିରାକାର ବେହେରା ଏବଂ ବ୍ଲକ ଟିମ୍ ଙ୍କ ନେତୃତ୍ୱରେ ପଂଚାୟତର ସମସ୍ତ ୧୦ଟି ରାଜସ୍ୱ ଗ୍ରାମରେ ଗ୍ରାମ ସମୃଦ୍ଧି ପୁନରୁଦ୍ଧାର ଯୋଜନା (ଭିପିଆରପି) ପ୍ରସ୍ତୁତ କରାଯାଇଛି । ଗ୍ରାମ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ୱାର୍ଡ ମେମ୍ବର, ଆଶା, ଅଙ୍ଗନୱାଡି କର୍ମୀ, ପାରମ୍ପରିକ ଚିକିତ୍ସକ, ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମର ଯୁବକ ଯୁବତୀ ଏବଂ ସମସ୍ତ ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମିର ଗ୍ରାମବାସୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଛନ୍ତି । ଏହା ବ୍ୟତୀତ, ଏହି ଗ୍ରାମ ଯୋଜନା ଗୁଡ଼ିକୁ ଏକ ଗ୍ରାମ ପଂଚାୟତ ଉନ୍ନୟନ ଯୋଜନା ଆକାରରେ ସମନ୍ୱିତ କରାଯାଇ ଉପସ୍ଥାପିତ କରାଯାଇଛି । ସମୁଦାୟ ୫୧୫ ଜଣ ଗ୍ରାମବାସୀ ଏକାଠି ହୋଇ '୫ ଡ' ଆକାରରେ ସେମାନଙ୍କ ଗାଁଭିତିକ ସମସ୍ୟା ଉପସ୍ଥାପନ କରିଥିଲେ । ସମସ୍ୟା କ'ଣ, ସମାଧାନ ପାଇଁ କ'ଣ କରିବେ, ବଜେଟ୍ କ'ଣ, ସମୟ ସୀମା କ'ଣ ଏବଂ ଏଥିପାଇଁ କିଏ ଦାୟୀ ରହିବେ, ଏହି ଗତିବିଧିର ମୂଳ ପ୍ରକ୍ରିୟା ଥିଲା ।

# ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା

ଗଞ୍ଜାମ, ୨୯/୧ (ନି.ପ୍ର): ବରିଷ୍ଠ ନାଗରିକ ମାନଙ୍କ ତୀର୍ଥ ଯାତ୍ରା କାର୍ଯ୍ୟକ୍ରମ ଆଜି ମଧାହ୍ନରେ ବ୍ରହ୍ମପୁର ରେଳ ଷ୍ଟେସନରୁ ଆରମ୍ଭ ହୋଇଛି । ଆସନ୍ତା ଦୁଇ ତାରିଖରେ ଏମାନେ ତୀର୍ଥଯାତ୍ରା ସାରି ବ୍ରହ୍ମପୁରରେ ପହଂଚିବେ । ଏଥିରେ ଗଂଜାମ ଜିଲ୍ଲାରୁ ୪୩୮, ଗଜପତି ଜିଲ୍ଲାରୁ ୭୨, କନ୍ଧମାଳରୁ ୯୧, ବୌଦ୍ଧ ଜିଲାରୁ ୫୫, ନୟାଗଡ ଜିଲ୍ଲାରୁ ୧୧୯ ବରିଷ୍ଠ ନାଗରିକ ଯାତ୍ରା କରିଥିବା ବେଳେ ଏକ୍ସକର୍ଟ ଅଧିକାରୀ ରୂପେ ୨୫ ଜଣଏପରି ସମୁଦାୟ ୮୦୦ ଜଣ ଯାତ୍ରୀ କରିଛନ୍ତି । ଏମାନେ ଭାରତର ୧୦ ତୀର୍ଥସ୍ଥଳୀ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

# ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ

ମାଲକାନଗିରି, ୨୯/୧ (ନି.ପ୍ର): କାଲିମେଳା ଥାନା ଅନ୍ତର୍ଗତ ତୁମ୍ବାଗୁଡା ଗ୍ରାମର କୈଳାସ ମାଡକାମୀ ନାମକ ଜଣେ ୨୨ ବର୍ଷୀୟ ଯୁବକଙ୍କ ଝୁଲନ୍ତା ମୃତଦେହ ନିକଟସ୍ଥ ଜଙ୍ଗଲରୁ ଠାବ ହୋଇଛି । ଏକ ମହୁଲ ଗଛରେ ଅଧା ଝୁଲନ୍ତା ଅବସ୍ଥାରେ ମୃତଶରୀର ଦେଖି ପରିବାର ଲୋକ କାଲିମେଳା ଥାନାରେ ଅଭିଯୋଗ କରିଥିବାର ଜଣାପଡିଛି । ମୃତ ଯୁବକଙ୍କ ହାତ ଗୋଡ଼ ମାଟିରେ ଲାଗିଥିବା ବେଳେ ବେକରେ ଏକ ଓଢଣୀ ଲାଗିଥିବାର ଦେଖିବାକୁ ମିଳିଛି । ମୃତ ଶରୀର ନିକଟରେ ଏକ ଧଳା ଗାମୁଛା ତଳେ ପଡ଼ିଥିବା ବେଳେ ହାତରେ କଟା ଦାଗ ରହିଛି ।

ଗତକାଲି ସନ୍ଧ୍ୟାରେ କୈଳାଶ ଘରେ ଥିବା ବେଳେ ରାତିରୁ ନିଖୋଜ ଥିଲେ । ଆଜି ସକାଳେ ଘର ନିକଟରୁ ପ୍ରାୟ ଏକ କି.ମି. ଦୂର ଏକ ଜଙ୍ଗଲିଆ ସ୍ଥାନରେ ଥିବା ଏକ ମହୁଲ ଗଛରେ ଅଧା ଝୁଲନ୍ତା ଅବସ୍ଥାରେ ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । କାଲିମେଳା ପୁଲିସ ତଦନ୍ତ ଆରମ୍ଭ କରିଥିଲେ ମଧ କୋରାପୁଟରୁ ସାଇଂଟିଫିକ୍ ଟିମ୍ ଆସିଲା ପରେ ହତ୍ୟା ନା ଆତ୍ମହତ୍ୟା ତାହା ଜଣାପଡ଼ିବ ବୋଲି ସୂଚନା ମିଳିଛି ।

# କରୋନା ଛଡ଼ାଇନେଲା ସାଥିପିଲାଙ୍କ ମେଳ: ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ 'ଅଂଜଳି'



ଉଦଳା , ୨୯/୧ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ଛତ୍ରାୟ ଗ୍ରାମର ଦୃଶ୍ୟ । ଏହିଗ୍ରାମର ବାସିନ୍ଦା ବରେନ୍ଦ୍ର ହେମ୍ବ୍ରମଙ୍କ କନ୍ୟା 'ଅଂଜଳି' ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରୁ 'ଅଂଜଳି' ୫ମ ଶ୍ରେଣୀ ପାସ କରିଛନ୍ତି । ପରେ କରୋନା ଯୋଗୁଁ ବିଦ୍ୟାଳୟ ଛୁଟି ରହିବା ଫଳରେ ସେ ପାଠ ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ସେ ପୁଣିଥରେ କିପରି ବିଦ୍ୟାଳୟକୁ ଯିବେ ଓ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ ତେଣୁ ବାଧ ହୋଇ ସେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଗଣମାଧ୍ୟମକୁ ଜଣାଇଛନ୍ତି । 'ଅଂଜଳି'ଙ୍କୁ ବର୍ତ୍ତମାନ ବୟସ ୧୨ ବର୍ଷ ଛୁଇଁଲା । ସାଥିପିଲାଙ୍କ ମେଳ ଓ ବିଦ୍ୟାଳୟ ପରିବେଶ ତାଙ୍କୁ ଖୁବ୍ ଭଲ ଲାଗୁଥିଲା । କିନ୍ତୁ କରୋନା ଏସବୁ ତାଙ୍କ ଠାରୁ ଛଡ଼ାଇନେଲା ବୋଲି 'ଅଂଜଳି' କହିଛନ୍ତି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'ଅଂଜଳି' ଙ୍କ ପରି ବର୍ତ୍ତମାନ ମଧ ବିଭିନ୍ନ କାରଣରୁ ବହୁସଂଖ୍ୟାରେ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି । ଶହ ଶହ ସଂଖ୍ୟାରେ ଆଦିବାସୀ ପିଲା ଏହିଭଳି ବିଭିନ୍ନ କାରଣରୁ ପାଠ ପଢ଼ା ଛାଡ଼ିବାକୁ ବାଧ ହେଉଥିବା ବେଳେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାହିଁକି ନୀରବ ରହିଛି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି । ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଘଟଣାରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର ସଦସ୍ୟ ମାନେ ଦାବି ଜଣାଇଛନ୍ତି ।

# ଆଂଚଳିକ ତଦନ୍ତ ବା ପର୍ଯ୍ୟବେକ୍ଷକ ଦଳ ପରିଭ୍ରମଣ

ମାଲକାନଗିରି, ୨୮ ଜାନୁଆରୀ (ହି.ସ.)- ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରୁ ତିନିଜଣିଆ ଆଂଚଳିକ ତଦନ୍ତ ବା ପର୍ଯ୍ୟବେକ୍ଷକ ଦଳ ସରକାରୀ ସ୍ନାତକ ମହାବିଦ୍ୟାଳୟ,ଚିତ୍ରକୋଣ୍ଡା ପରିଭ୍ରମଣ ରେ ଆଜି ଆସିଥିଲେ । ବିଶ୍ୱବିଦ୍ୟାଳୟର ସମନ୍ୱୟ ଅଧିକାରୀ ମହେଶ୍ୱର ଦୁରିଆଙ୍କ ନେତୃତ୍ୱରେ ଆସିଷ୍ଟାଂଟ ପ୍ରଫେସର କମଳ ଲୋଚନ ମଲ୍ଲିକ ଓ ଜ୍ଞାନ ରଞ୍ଜନ ମହାନ୍ତି ଏହି ପରିଭ୍ରମଣରେ ଆସି ମହାବିଦ୍ୟାଳୟର ବିଭିନ୍ନ ପ୍ରସଙ୍ଗରେ ତଦାରଖ କରି ଅଧକ୍ଷ ଡକ୍ଟର ଚିନ୍ମୟ କୁମାର ବେହେରାଙ୍କ ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମୀକ୍ଷା କରିଥିଲେ । ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନଙ୍କ ସହ ମଧ ବିବିଧ ଆଲୋଚନା କରିଥିଲେ ।

# 'ଉତ୍କର୍ଷ ଓଡ଼ିଶା'-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫ରେ ସେଲ୍, ରାଉରକେଲା ଇସ୍ପାତ କାରଖାନାର ଆକର୍ଷଣୀୟ ପାଭିଲିୟନ ଉଦ୍‌ଘାଟିତ



ରାଉରକେଲା, ୨୯/୧ (ନି.ପ୍ର): ସ୍ଥାୟୀତା ପ୍ରତି ଏହାର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ସମ୍ମାନଜନକ 'ଉତ୍କର୍ଷ ଓଡ଼ିଶା'-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫' ରେ 'ସେଲ୍ ଇସ୍ପାତ, ସବୁଜ ଇସ୍ପାତ' ବିଷୟବସ୍ତୁ ଉପରେ ଆଧାରିତ ଏହାର ଅତ୍ୟାଧୁନିକ ପାଭିଲିୟନ୍ ଉନ୍ମୋଚନ କରିଛି । ଏହି କନକ୍ଲେଭ୍ କୁ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜାନୁଆରୀ ୨୮ ତାରିଖରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ଅନେକ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ । ଉଲ୍ଲେଖନୀୟ ଯେ, ଓଡ଼ିଶାର ପ୍ରମୁଖ ବିଶ୍ୱ ନିବେଶକ ସମ୍ମିଳନୀ ରୂପେ ପରିଚିତ ଏହି କାର୍ଯ୍ୟକ୍ରମ ଜାନୁଆରୀ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଛି । ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା । କମ୍ପାନୀର ଦୃଶ୍ୟମାନ ଆକର୍ଷଣୀୟ ପାଭିଲିଅନକୁ ପ୍ରକଳ୍ପ ବିଭାଗର ଇଡି ଶ୍ରୀ ସୁଦୀପ ପାଲ ଚୌଧୁରୀଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ । ଆରଏସପିର ପାଭିଲିଅନ କମ୍ପାନୀର ଐତିହ୍ୟ, ନବସୃଜନ ଏବଂ ଓଡ଼ିଶା ରାଜ୍ୟ ସହିତ ଏହାର ଗଭୀର ସମ୍ପର୍କକୁ ପ୍ରଦର୍ଶନ କରୁଛି । ଆରଏସପିର ବିକାଶ ଏବଂ ଅଭିବୃଦ୍ଧିକୁ ପ୍ରଦର୍ଶନ କରି, ଉକ୍ତ ପାଭିଲିଅନ ଏହି ବର୍ଷର କନକ୍ଲେଭ ଥିମ୍ ଅନୁରୂପ ଉନ୍ନତ ଡିଜିଟାଲ୍ ପ୍ରଯୁକ୍ତିକୁ ଅନ୍ତର୍ଭୁକ୍ତ କରିଛି । ଏହା ଇଏସଜି ନୀତି ପ୍ରତି ଇସ୍ପାତ କାରଖାନାର ପ୍ରତିବଦ୍ଧତା ଏବଂ ସ୍ଥାୟୀ ସବୁଜ ଇସ୍ପାତ ଉତ୍ପାଦନ ପାଇଁ ଏହାର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଉଛି । ପାଭିଲିଅନର ଏକ ପ୍ରମୁଖ ଆକର୍ଷଣ ହେଉଛି ଏଆର ଭିଆର ଆଧାରିତ ଡିଜିଟାଲ୍ ୱାକଥ୍ରୁ, ଯାହା ପରିଦର୍ଶକମାନଙ୍କୁ ବିସ୍ତୃତ ଥ୍ରୀ-ଡ଼ି ଭିଜୁଆଲାଇଜେସନ୍ ମାଧ୍ୟମରେ ଆରଏସପିର କାର୍ଯ୍ୟର ଏକ ନିମଜ୍ଜିତ ୩୬୦-ଡିଗ୍ରୀ ସାମଗ୍ରିକ ଅଭିଜ୍ଞତା ପ୍ରଦାନ କରୁଛି । ପାଭିଲିଅନରେ ଆରଏସପିର ବିବିଧ ଉତ୍ପାଦ ସମୂହ ସୂକ୍ଷ୍ମ କାରୁକୃତିରେ ପ୍ରସ୍ତୁତ କ୍ଷୁଦ୍ର ମଡେଲଗୁଡ଼ିକ ମାଧ୍ୟମରେ ପ୍ରଦର୍ଶିତ ହେଉଛି, ଯାହାକୁ ଅତ୍ୟାଧୁନିକ ଥ୍ରୀ-ଡ଼ି ପ୍ରିଣ୍ଟିଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଆରଏସପିରେ ନିଜସ୍ୱ ଭାବରେ ବିକଶିତ କରାଯାଇଛି । ପ୍ରତ୍ୟେକ ମଡେଲରେ କ୍ୟୁଆର କୋଡ୍ ଉପଲବ୍ଧ ରହିଛି, ଯାହା ପରିଦର୍ଶକମାନଙ୍କୁ ବ୍ୟାପକ ଉତ୍ପାଦ ସୂଚନା ଏବଂ ପ୍ରୟୋଗଗୁଡ଼ିକ ବିଷୟରେ ଅବଗତ କରାଉଛି ।

ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫ ଓଡ଼ିଶାର ଶିଳ୍ପ ସମ୍ଭାବନାକୁ ପ୍ରଦର୍ଶନ କରିବା ଏବଂ ବିଶ୍ୱସ୍ତରୀୟ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ କାର ?ୟ୍ୟ କରୁଛି । ଏହାର ପ୍ରଭାବଶାଳୀ ଉପସ୍ଥିତି ମାଧ୍ୟମରେ, ସେଲ୍, ରାଉରକେଲା ଇସ୍ପାତ କାରଖାନା ଓଡ଼ିଶାର ଶିଳ୍ପ ପରିବେଶରେ ଶିଳ୍ପ ଅଭିବୃଦ୍ଧି ଏବଂ ନବସୃଜନକୁ ତ୍ୱରାନ୍ୱିତ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୂଚିତ କରୁଛି ।

# କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଦର୍ଶନ କାର୍ଯ୍ୟକ୍ରମ

ଜୟପୁର, ୨୯/୧ (ନି.ପ୍ର): ଶିକ୍ଷା ବିକାଶ ସମିତି, ଓଡିଶା ଦକ୍ଷିଣ ସମ୍ଭାଗ ଜୟପୁର ତରଫରୁ ପ୍ରବାସ ଯୋଜନା ଅନୁଯାୟୀ କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା । ସୁନାବେଡ଼ା ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ସମ୍ଭାଗ ଦ୍ୱାରା ପ୍ରେରିତ ହୋଇ ନିରୀକ୍ଷଣ କରିଥିଲେ । ବିଦ୍ୟାଳୟର ଶୈକ୍ଷିକ,ସାଂସ୍କୃତିକ, ବୈଚାରିକ ବ୍ୟବସ୍ଥା ସମ୍ବନ୍ଧରେ ତଥା ଜାତୀୟ ଶିକ୍ଷା ନୀତି- ୨୦୨୦ ସମ୍ବନ୍ଧରେ ମତ ରଖିଥିଲେ । ବିଭିନ୍ନ ପର୍ଯ୍ୟାୟରେ ପରିଚାଳନା ସମିତି, ପୂର୍ବ ଛାତ୍ର, ବର୍ତ୍ତମାନର ଛାତ୍ରଛାତ୍ରୀ ଓ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହ ବିଚାରବିମର୍ଷ କରିଥିଲେ ।ମଣିଷ ପରି ମଣିଷ ଟିଏ ହେବାକୁ ବର୍ତ୍ତମାନର ଛାତ୍ରଛାତ୍ରୀ ମାନଙ୍କୁ ରାଷ୍ଟ୍ର ସେବାରେ ନିଜକୁ ସମର୍ପିତ କରିବା ପାଇଁ ପୂର୍ବଛାତ୍ର ମାନଙ୍କୁ ଏବଂ ଜାତୀୟ ଶିକ୍ଷାନୀତି ୨୦୨୦ କୁ ସଫଳ କ୍ରୀୟାନ୍ୱୟନ କରିବା ନିମନ୍ତେ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ପରିଚାଳନା ସମିତିଙ୍କୁ ମତବ୍ୟକ୍ତ କରିଥିଲେ ।

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶକୁ ରାଉରକେଲା ଏନଏସପିସିଏଲର ବେଖାତିର

ରାଉରକେଲା, ୨୯/୧ (ନି.ପ୍ର): ରାଉରକେଲା ସମେତ ଜିଲ୍ଲାର ଖାଲି ଥିବା ସ୍ଥାନରେ ବିଭିନ୍ନ ତାପଜ ବିଦ୍ୟୁତ କାରଖାନା ମାନେ କାରଖାନାରୁ ନିର୍ଗତ ପାଉଁଶକୁ ଗଦା କରି ସେ ଅଁଚଳରେ ପ୍ରଦୁଷଣର ମାତ୍ରାକୁ ବଢାଇବା ନେଇ ଅଭିଯୋଗ ହେଉଥିବା ବେଳେ ଏଭଳି ଅଭିଯୋଗ ନେଇ ରାଉରକେଲାର ଏନଏସପିସିଏଲ କୁ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ହୋଇଥିବା ୯୦ ଲକ୍ଷ ଟଙ୍କାର ଜରିମାନାକୁ ବିଗତ ୮ମାସ ଧରି ସରକାରଙ୍କୁ ଦେଇନଥିବାର ଖବର ମିଳିଛି । ଏଭଳି କାରବାରକୁ ଏନଏସପିସିଏଲ ର ଏସପିସ ବୋର୍ଡକୁ ଏକ ପ୍ରକାର ବେଖାତିର ବୋଲି କୁହାଯାଉଛି । ରାଉରକେଲା ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ତାପଜ ବିଦ୍ୟୁତ କାରଖାନା ମାନ ସ୍ଥାପନ ହୋଇଛି, ସେମାନେ କୋଇଲା ବ୍ୟବହାର କରି ବିଦ୍ୟୁତ ସଂଗ୍ରହ କରୁଛନ୍ତି, ହେଲେ ଏହି ପ୍ରକ୍ରୀୟାରୁ ବାହାରୁ ଥିବା ମଇଳା ଅର୍ଥାତ କୋଇଲା ପାଉଁଶକୁ ରଖିବା ଲାଗି କୌଣସି ବ୍ୟବସ୍ଥା ନକରି ଏଣେ ତେଣେ ଫୋପାଡିବା ଓ ସେହି ସବୁ ଅଁଚଳରେ ପରିବେଶ ନଷ୍ଟ ହେବା ନେଇ ବିଭିନ୍ନ ସମୟରେ ଏସପିସି ବୋର୍ଡ ରାଉରକେଲା ଓ ଭୁବନେଶ୍ୱର ପାଖରେ ଅଭିଯୋଗ ହୋଇ ଆସୁଥିଲା ।ଏଭଳି ଏକ ଉଦାହରଣ ହେଲା ରାଉରକେଲା ଡିଏଭି ପୋଖରୀ ପାଖରେ ଖାଲି ଥିବା କିଛି ଯାଗାରେ ଆରଏସପି ଭିତରେ ଥିବା ଏନଏସପିସିଏଲ କାରଖାନା ତାର ବର୍ଜ୍ୟ ପାଉଁଶକୁ ଆଣି ଗଦା କରିଥିଲା, ତେବେ ଏହାଦ୍ୱାରା ପୋଖରୀପାଣି ପ୍ରଭାବିତ ହେବା ସହ ପାଖରେ ଯାଇଥିବା ରିଂ ରୋଡ ମଧ ପ୍ରଭାବିତ ହେଲା । ପାଖରେ ଥିବା ବସ୍ତିବାସୀ ମଧ ଏଥିରେ ସମସ୍ୟାରେ ପଡିଲେ । ଏହି ଖବର ପାଇ ରାଉରକେଲାର ବିଧାୟକ ସାରଦା ବାବୁ ଏସପିସି ବୋର୍ଡକୁ ଏକ ଅଭିଯୋଗ ପତ୍ର ଦେଇଥିଲେ, ଏହି ପତ୍ର ଉପରେ ତଦନ୍ତ କରି ଏସପିସି ବୋର୍ଡ ଭୁବନେଶ୍ୱର ଏନଏସପିସିଏଲ କୁ ୬ରୁ ଆଠ ମାସ ତଳେ ୯୦ ଲକ୍ଷ ଟଙ୍କା ଜରିମାନା କରିଥିଲେ । ହେଲେ ଏହି ଜରିମାନାର ଅର୍ଥ ରାଶି ଏଯାଏ ସରକାରଙ୍କ ପାଖରେ କଂପାନୀ ପଇଠ କରିନଥିବା ଖବର ମିଳିଛି । ସେ ସମୟରେ ସରକାର ଯାଉଥିଲା ଓ ନୂଆ ସରକାର ଆସୁଥିଲା, ଏତିକି ବେଳର ଫାଇଦା ନେଇ କଂପାନୀ ଏହି ଅର୍ଥକୁ ନଦେଇ ଚୁପ ବସିଥିବା ଖବର ମିଳିଛି । ଖାଲି ଏହି କାରଖାନା ନୁହେଁ ଝାରସୁଗୁଡାର ଭୁଷଣ କଂପାନୀ ଦ୍ୱାରା ଏଭଳି ଭୁଲ ଦ୍ୱାରା ସଂପୃକ୍ତ କଂପାନୀଙ୍କୁ ମଧ କୋଟି କୋଟି ଟଂକାର ଜରିମାନା କରାଯାଇଥିଲା । ରାଉରକେଲା ଏସପିସି ବୋର୍ଡ ଅଫିସ ପକ୍ଷରୁ ଏଭଳି ସମସ୍ୟା ସୃଷ୍ଟି କରୁଥିବା କଂପାନୀ ଗୁଡିକ ଉପରେ କଡା ନଜର ରଖାଯାଇଥିବା ବେଳେ, ଜିଲ୍ଲା ପ୍ରଶାସନ ମଧ କହିଛି କୌଣସି ବ୍ୟକ୍ତିଙ୍କର ଖାଲି ଥିବା ଯାଗାରେ ମଧ ଏଭଳି କୋଇଲା ଗୁଣ୍ଡ ପକାଯାଇପାରିବ ନାହିଁ । ଏହାଦ୍ୱାରା ରାସ୍ତା କଡରେ ଥିବା ଜମି ମାଲିକ ମାନେ ଏହି କଂପାନୀ ଗୁଡିକ ଦ୍ୱାରା ପ୍ରଭାବିତ ହୋଇ ନିଜ ଜମିରେ ଏଭଳି ଗୁଣ୍ଡ ପକାଇ ଚାଷ କାମ କରି ନପାରିବା ଭଳି ସମସ୍ୟାର ସମାଧାନ ମଧ ହୋଇଛି । ତେବେ ରାଜ୍ୟ ସରକାରଙ୍କର ଏକ ସ୍ୱତନ୍ତ୍ର ବିଭାଗ ହେଉଛି ଏସପିସି ବୋର୍ଡ । ଏହାର ନିର୍ଦ୍ଦେଶକୁ ଅବନମାନନା କରି ଆଜି ଯାଏ ସରକାରଙ୍କର ଏହି ଜରିମାନା ଅର୍ଥ ପକାଇରଖାଯାଇଥିଲେ ମଧ ବିଭାଗର ବାବୁ ମାନେ ଚୁପ । ଆଗକୁ ମାର୍ଚ୍ଚ ମାସ ସରକାରଙ୍କର ମଧ ଅନେକ ବଜେଟ ରହିଛି ତେଣୁ ତୁରନ୍ତ ଏହି ଜରିମାନା ଅର୍ଥକୁ ଆଦାୟ କରିବା ଲାଗି ବିଭାଗ ତରଫରୁ ଉଦ୍ୟମ ହେବା ଉଚିତ ବୋଲି ମତ ପ୍ରକାଶ ପାଇଛି ।

# ସରପଂଚ ସାଜିବେ ଟୁଇଟର ଯୋଦ୍ଧା: ମୟୂରଭଂଜରେ ଆରମ୍ଭ ହେଲା ଡ଼ିଜିଟାଲ ସ୍ୱାକ୍ଷରତା ପ୍ରଶିକ୍ଷଣ



ଉଦଳା , ୨୯/୧ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ କାର୍ଯ୍ୟାଳୟର ସଦଭାବନା ଗୃହ ପରିସରରେ ଆଜି ଜାନୁଆରି ୨୮ ତାରିଖ ମଙ୍ଗଳବାରଠାରୁ ସରପଂଚ ଓ ପ୍ରତିନିଧିଙ୍କ ପାଇଁ ଡ଼ିଜିଟାଲ ସ୍ୱାକ୍ଷରତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜନଜାଗୃତି ମଂଚ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିବା ବେଳେ ଓଡ଼ିଶା ଶ୍ରମଜୀବି ମଂଚ ଏବଂ ମହିଳା ଶ୍ରମଜୀବି ମଂଚ, ଓଡ଼ିଶା ଏହାର ପରିଚାଳନା ଓ ଆତ୍ମଶକ୍ତି ଟ୍ରଷ୍ଟ ପ୍ରଯୁକ୍ତି ସହଭାଗି ଦାୟିତ୍ୱ ତୁଲାଉଛନ୍ତି । ଗୋପବନ୍ଧୁନଗର ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୃଥିରାଜ ପରିଡ଼ା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଡ଼ିଜିଟାଲ ସ୍ୱାକ୍ଷରତା ଆଜି କିପରି ସମସ୍ତଙ୍କ ପକ୍ଷେ ଜରୁରୀ ହୋଇପଡ଼ିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଜନଜାଗୃତି ମଂଚର ଟିମ୍ ଲିଡ଼ର ଗଦାଧର ଦାଶ ପର୍ଯ୍ୟାୟ କ୍ରମେ ସମଗ୍ର ଜିଲ୍ଲାରେ ଥିବା ୪୦୪ ଜଣ ସରପଂଚଙ୍କୁ ଏହି ତାଲିମ ପ୍ରଦାନ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ । ତେବେ ପ୍ରଥମ ପର୍ଯ୍ୟାୟରେ ଖୁଂଟା ଓ ଗୋପବନ୍ଧୁନଗର ବ୍ଲକର ସରପଂଚ ମାନେ ଏହି ତାଲିମ ନେଉଛନ୍ତି ବୋଲି ଜଣାଇବାସହ ଏହା ଆସନ୍ତା ୩୦ ତାରିଖ ଗୁରୁବାର ଦିନ ଉଦ୍ ?ଯାପିତ ହେବ ବୋଲି କହିଛନ୍ତି । ପ୍ରଶିକ୍ଷକ ଭାବରେ ନିତ୍ୟାନନ୍ଦ ଥାନପତି, ସୋଫିଆ ଆକୋଇଜାମ୍ , ସଂଦୀପ କୁମାର ସ୍ୱାଇଁ, ସଂଗ୍ରାମ ପଟ୍ଟନାୟକ ଓ କପାଳ ମାର୍ଣ୍ଡି ତାଲିମ ପ୍ରଦାନ କରୁଛନ୍ତି । ମଂଚର ସଦସ୍ୟ କାରୁକର, ଅଭିଲିପ୍ସା, ଆରତି , ନିରୁପମା, ଗୌତମ ଓ ସୁବ୍ରତ ଏହାକୁ ସଫଳ କରିବାରେ ସହଯୋଗ କରୁଛନ୍ତି ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବଳରାମପୁରର ଦ୍ୱିତୀୟ ବାର୍ଷିକ ଉତ୍ସବ 'ସୁବର୍ଣ୍ଣା - ୨.୦' ଅନୁଷ୍ଠିତ




ବାଲିଆପାଳ, ୨୯/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳରାମପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ର ଦ୍ୱିତୀୟ ବାର୍ଷିକ ଉତ୍ସବ ସୁବର୍ଣ୍ଣା ୨. ୦ ଅନୁଷ୍ଠିତ ହୋଇଯାଇଛି।ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଉଦ୍ଘାଟନ କରି କଠିନ ପରିଶ୍ରମ ଓ ଦୃଢ ଇଚ୍ଛାଶକ୍ତି ଆଗରେ ସମସ୍ତ ପ୍ରତିବନ୍ଧକ ହାର୍ ମାନେ ବୋଲି ଛାତ୍ରଛାତ୍ରୀମାନଙ୍କୁ ଉଦ୍ବୋଧନ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ପ୍ରିୟବ୍ରତ ଜେନା ଉତ୍ସବରେ ପୌରୋହିତ୍ୟ କରିବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ତଥା ଜେନେରେଟର ର ଆବଶ୍ୟକତା ସମ୍ପର୍କରେ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ କବି ଡ଼.କାଳିପଦ ପଣ୍ଡା, ସମ୍ମାନିତ ଅତିଥି ରୂପେ ଜାମଶୂଳୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ କୁମାର ଦେ, ଏ.ବି.ଇ.ଓ ମୀନାରାଣୀ ସାହୁ, ବଳରାମପୁର ପଞ୍ଚାୟତ ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀମତୀ ରେବତୀ ଜେନା ଏବଂ ଗଦାଧର ଗିରି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାପାଇଁ ଉପଦେଶ ଦେଇଥିଲେ। ଶିକ୍ଷକ ଗୋପୀ କୃଷ୍ଣ ବିଶ୍ୱାଳ ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷକ ରଜତ କୁମାର ଧଳ ଅତିଥି ପରିଚୟ ପ୍ରଦାନ, ଶିକ୍ଷୟିତ୍ରୀ ରଞ୍ଜନା କ୍ରିଷ୍ଣା କୁମାରୀ ଜେନା ବେଦ ପାଠ, ବ୍ରହ୍ମ ଗାୟତ୍ରୀ ପାତ୍ର ବାର୍ଷିକ ବିବରଣୀ ପଠନ, ଜନ୍ମେଜୟ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସରୋଜ କୁମାର ପାତ୍ର ଓ ଅଞ୍ଜନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଶିକ୍ଷା କର୍ମଚାରୀ ସନ୍ତୋଷ ରଣଜିତ, ପ୍ରଶାନ୍ତ ପୁଷ୍ଟି, କଳାକାହ୍ନୁ ଜେନା ତଥା ପୁରାତନ ଶିକ୍ଷକ ଅକ୍ଷୟ ପଣ୍ଡା, ଶୁଭସ୍ମିତା ପାତ୍ର, ଗୁଲ୍ନାର ପରୱିନ, କମଳ ଲୋଚନ ଜେନା, ଶର୍ମିଳା ଦାସ ଆଦି ସହଯୋଗ କରିଥିଲେ। ଉତ୍ସବର ଆରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଉତ୍କର୍ଷ ଲାଭ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଶ୍ରୀମତୀ ସୁବାସିନୀ ଜେନା ପୁରସ୍କୃତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସମସ୍ତ ଅଭିଭାବକଙ୍କ ଉପସ୍ଥିତିରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସାହିତ୍ୟ ସଂସ୍କୃତି ଓ ପରମ୍ପରା ସମ୍ପର୍କିତ ପ୍ରଦର୍ଶନୀ ଅନୁଷ୍ଠିତ



ବାସୁଦେବପୁର, ୨୯/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସାହିତ୍ୟ ସଂସ୍କୃତି ଓ ପରମ୍ପରା ସମ୍ପର୍କିତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡ଼ା ସଭାପତିତ୍ୱ କରିଥିଲେ। ବାସୁଦେବପୁର ଥାନା ଅଧିକାରୀ କବି ଲୋପାମୁଦ୍ରା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ କହିଲେ ସାହିତ୍ୟ ହେଉଛି ଜୀବନ ଓ ଜୀବନ ହେଉଛି ସାହିତ୍ୟ। ଆମ ସମାଜରେ ପ୍ରତ୍ୟେକ ଲୋକ ମାନଙ୍କ ପାଖରେ ଭଲ ମଣିଷ ପଣିଆ ରହିବା ଉଚିତ୍। ଆଜିର ଛାତ୍ର ଛାତ୍ରୀ ହେଉଛନ୍ତି ଦେଶର ଭବିଷ୍ୟତ । ସମସ୍ତ ଙ୍କ ମଧ୍ୟରେ ସ୍ନେହ, ପ୍ରେମ, ମମତା, ସମ୍ମାନ ଓ ଭଲ ପାଇବା ରହିଲେ ଏ ମାନବ ସମାଜ ଜୀବ ଜନ୍ତୁ ଗଛ ଲତା ଫୁଲ ଫଳ ଓ ଏ ପୃଥିବୀ ଖୁବ୍ ସୁନ୍ଦର ଦିଶିବ। ଛାତ୍ର ଛାତ୍ରୀ ମାନଙ୍କ ଚିତ୍ର ଓ ସାହିତ୍ୟ ସମ୍ପର୍କିତ ପ୍ରଦର୍ଶନୀ କୁ ଖୁବ୍ ପ୍ରଶଂସା କରିଥିଲେ କବି ଲୋପାମୁଦ୍ରା ନାୟକ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ପୋଲିସ୍ ଷ୍ଟାଫ୍ ପୁନମ୍ ଦେବୀ ବେହେରା, ଶିକ୍ଷକ ରମାକାନ୍ତ ସେଣ୍ଡ, ସ୍କୁଲ୍ ପରିଚାଳନା କମିଟି ସଦସ୍ୟା ଆରତୀ ମହାପାତ୍ର, ପ୍ରଦୀପ୍ତ ପଣ୍ଡା। ଆମ ଗାଁ ସାହିତ୍ୟ ପତ୍ରିକାର ସମ୍ପାଦକ କବି ରତ୍ନାକର ପଣ୍ଡା, କବି ରଞ୍ଜନ ନାୟକ, ନରସିଂହପୁର ହାଇସ୍କୁଲ ର ସଂସ୍କୃତ ଶିକ୍ଷକ ହରେକୃଷ୍ଣ ମହାରଣା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇ ଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଶାନ୍ତିଲତା ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଦୟାନିଧି ପଲାଇ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ମିନତୀ ପଣ୍ଡା, ଆରତି ଧର, ଆରତି ଲତା ନାୟକ, ଭାନୁମତୀ ଶଙ୍ଖୁଆ, ସସ୍ମିତା ବାରିକ୍, ଶିକ୍ଷା କର୍ମଚାରୀ ଶ୍ରୀଧର ବାରିକ ଓ ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ସମୁଦାୟ ୨୦ ଟି ଭିନ୍ନ ସ୍ୱାଦର ସାହିତ୍ୟ ପ୍ରକଳ୍ପ ଏଥିରେ ସ୍ଥାନ ପାଇଥିଲା । ବ୍ୟାସ କବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ଉତ୍କଳମଣି ଗୋପବନ୍ଧୁ ଦାସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପ୍ରମୁଖ ଙ୍କ ସାରସ୍ୱତ ସୃଷ୍ଟି ସମ୍ପର୍କରେ ଏହି ପ୍ରଦର୍ଶନୀରେ ଦେଖିବାକୁ ମିଳିଥିଲା। ଏହା ଏକ ଆକର୍ଷଣୀୟ ନିଆରା କାର୍ଯ୍ୟକ୍ରମ ଥିଲା ଓ ସାହିତ୍ୟ ର ମଧୁର ପରିବେଶରେ ସମସ୍ତେ ଖୁବ୍ ମନ୍ତ୍ର ମୁଗ୍ଧ ହୋଇଥିଲେ।

## ଜିଲ୍ଲାସ୍ତରୀୟ ମାଧ୍ୟମିକ ସ୍କୁଲ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

କେନ୍ଦୁଝର, ୨୯/୧ (ନି.ପ୍ର): ଓଡିଶା ମାଧ୍ୟମିକ ସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ କେନ୍ଦୁଝରର ସଭାପତି ସଞ୍ଜୟ ବସନ୍ତ ଚକ୍ରଙ୍କ ସଭାପତିତ୍ୱରେ ବୁଧବାର ଦିନ କେନ୍ଦୁଝର ଶିକ୍ଷକ ଭବନଠାରେ ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ମା' ତାରିଣୀ ଓ କେନ୍ଦୁଝରର ରାଷ୍ଟ୍ର ଦେବତା ଶ୍ରୀ ଶ୍ରୀ ବଳଦେବଜୀଉ ଫଟୋଚିତ୍ରରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଧାନଶିକ୍ଷକ କହ୍ନେଇଚରଣ ମହାନ୍ତି ମାଲ୍ୟାର୍ପଣ ପୂର୍ବକ ଏହାକୁ ଉଦ୍ଘାଟନ କରିଥିଲେ । ଏହାପରେ ସଂଘର ସଭାପତି ଶ୍ରୀ ଚକ୍ର ଶୋକ ପ୍ରସ୍ତାବ ଆଗତ କରିଥିଲେ ଏବଂ ଆମ ଗହଣରୁ ଚାଲି ଯାଇଥିବା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ଉଦ୍ଦେଶରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସଂପାଦକ ରବିନ୍ଦ୍ର କୁମାର ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ ପୂର୍ବକ ସଭାରେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ପଣ୍ଡା ଏହି ସଂଗଠନର ଜନ୍ମ ଓ ତା'ର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିବା ସହ ବର୍ତ୍ତମାନ ପର୍ଯ୍ୟନ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କ ବହୁବିଧ ସମସ୍ୟା ଉପରେ ଆଲୋଚନା କରି ଆଗାମୀ କାର୍ଯ୍ୟପନ୍ଥା ସମ୍ବନ୍ଧରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ଓ ଉପସ୍ଥିତ ସଭ୍ୟଙ୍କୁ ସେମାନଙ୍କର ସମସ୍ୟା ଉପସ୍ଥାପନ ପାଇଁ ପ୍ରସ୍ତାବ ଆଗତ କରିଥିଲେ । କାର ?ୟରତ ଏଡିଇଓ ଅଜୟ କୁମାର ପାତ୍ର ଅତିଥି ଭାବରେ ସଭାରେ ଉପସ୍ଥିତ ହୋଇ ବିଭିନ୍ନ ସମସ୍ୟା ଉପସ୍ଥାପନ ପାଇଁ ପ୍ରସ୍ତାବ ଆଗତ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିକୁ ଦିଶାହୀନ କରୁଛି ପ୍ରଶାସନ: ଅଭିଯୋଗ ଓ ଜନଶୁଣାଣିର ଉତ୍ତର ମଧ୍ୟରେ ରହୁନି ତାଳମେଳ

ରୂପସା, ୨୯/୧ (ନି.ପ୍ର): ବସ୍ତାବ୍ଲକ ଅନ୍ତର୍ଗତ ଗଡପଦା ଗ୍ରାମ ପଞ୍ଚାୟତର ଜାମୁନିଆ ରାଜସ୍ୱ ଗ୍ରାମ ନିବାସୀ ରାଧାକୃଷ୍ଣ ବେହେରା ଗତ ଅଗଷ୍ଟ ୫ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଏକ ଅଭିଯୋଗ ପଞ୍ଜିକରଣ କରିଥିଲେ । ଉକ୍ତ ଅଭିଯୋଗ ପତ୍ରରେ ସେ ଉକ୍ତ ଗ୍ରାମର ଭରତ ଦଳେଇ ନାମକ ଜଣେ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଆବାସ ଗୃହକୁ ବେଆଇନ ଭାବେ ସରକାରୀ ଜଳାଶୟର ପ୍ଲଟ ନଂ ୬୭୯ ଓ ଖାତା ନଂ ୪୨୫ରେ ନିର୍ମାଣ କରୁଥିବା ଅଭିଯୋଗ କରିଥିଲେ । ଜିଲାପାଳ ଓ ବିଡ଼ିଓଙ୍କ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ଫଳରେ ଅଭିଯୋଗକରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଉକ୍ତ ଅଭିଯୋଗଟି ଅଗଷ୍ଟ ୨୦ ତାରିଖ ଦିନ ପଞ୍ଜିକରଣ ହୋଇଥିଲା । ଅଭିଯୋଗ ତଦନ୍ତ ପରେ ନଭେମ୍ବର ୧୮ ତାରିଖ ଦିନ ଉକ୍ତ ଅଭିଯୋଗର ସମାଧାନ ହୋଇଥିଲା ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଜନଶୁଣାଣି ପୋର୍ଟାଲରେ ରିପୋର୍ଟ ପ୍ରଦାନ କରାଯାଇଥିଲା । ତେବେ ଯେଉଁ ରିପୋର୍ଟ ମିଳିଲା ଅଭିଯୋଗ ସହିତ ତାର କୌଣସି ତାଳମେଳ ନଥିବା ଦେଖାଯାଇଥିଲା । ସରକାରୀ ଜଳାଶୟ ପ୍ଲଟରେ ବେଆଇନ ଭାବେ ପ୍ରଧାନମନ୍ତ୍ରୀ ଗୃହ ନିର୍ମାଣ ବିରୁଦ୍ଧରେ ଅଭିଯୋଗ କରାଯାଇଥିବା ବେଳେ ଅଭିଯୋଗକାରୀ ଜଣକ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇବାର ହକଦାର ନୁହଁନ୍ତି ବୋଲି ତଦନ୍ତକାରୀ ଅଧିକାରୀ ବସ୍ତା ବ୍ଲକର ପୂର୍ବତନ ବିଡ଼ିଓ ମୋହିନୀ କୁମାର ନାଏକ ଓ ଗଡ଼ପଦା ପଞ୍ଚାୟତର ପୂର୍ବତନ ପିଇଓ ରଞ୍ଜିତା ଶତପଥିଙ୍କ ପକ୍ଷରୁ ରିପୋର୍ଟ ଦିଆଯାଇଥିଲା । ଏପରିକି ବେଆଇନ ଭାବେ ଆବାସ ଗୃହ ନିର୍ମାଣ କରିଥିବା ହିତାଧିକାରୀଙ୍କୁ ପିଇଓ ସମସ୍ତ ବିଲ ମଧ୍ୟ ପ୍ରଦାନ କରିଥିଲେ । ତେବେ ତଦନ୍ତକାରୀ ଅଧିକାରୀମାନେ ଅଭିଯୋଗ ଆଧାରରେ ରିପୋର୍ଟ ନଦେବା ପଛରେ କଣ ରହିଛି ଷଡଯନ୍ତ୍ର ? କାହାର ବେଆଇନ କାର୍ଯ୍ୟ ଲୁଚାଇବାକୁ ଏପରି ରିପୋର୍ଟ ଦିଆଯାଇଛି ନା ତଦନ୍ତକାରୀ ଅଧିକାରୀ ଖାମଖିଆଲି ଭାବେ ଅଭିଯୋଗର ତଦନ୍ତ ରିପୋର୍ଟ ଦେଇଛନ୍ତି । ତଦନ୍ତକାରୀ ଅଧିକାରୀମାନଙ୍କର ଷଡଯନ୍ତ୍ର ହେଉ କି ଦାୟିତ୍ୱହୀନତା ହେଉ ଏଥିରେ ଅଯଥାରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପ୍ରକୋଷ୍ଠ ହିଁ ଅଯଥାରେ ବଦନାମ ହେଉଛି । ଏଦିଗରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ ଲୋଡା ବୋଲି ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି ।

# ହୀରାକୁଦରେ ୱାର୍କର୍ସ ୟୁନିୟନ ପକ୍ଷରୁ ସାଧାରଣ ସଭା

ସମ୍ବଲପୁର, ୨୯/୧ (ନି.ପ୍ର): ହୀରାକୁଦ ସ୍ଥିତ ଶିଳ୍ପସଂସ୍ଥା ହିଣ୍ଡାଲକୋ (ପାୱାର) ର ଶ୍ରମିକ ସଂଗଠନ ଇଣ୍ଟକ ହୀରାକୁଦ ପାୱାର ୱର୍କର୍ସ ୟୁନିୟନ ନେତୃବର୍ଗଙ୍କ ସହ ଆଲୋଚନା ହୋଇଥିଲା । ଏହି ଅବସର ରେ ୟୁନିୟନର କର୍ମକର୍ତ୍ତା ଓ କର୍ମଚାରୀଙ୍କ ଉପସ୍ଥିତିରେ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ନିଷ୍ପତି ଗ୍ରହଣ କରାଯାଇଥିଲା। ହିନ୍ଦ୍ ମଜଦୂର ସଭା ଶ୍ରମିକ ସଂଗଠନ ର ଉଦ୍ଦେଶ୍ୟ ଓ ଲଢେଇ ସମ୍ପର୍କରେ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିବା ସହ ଶ୍ରମିକ ଅଧିକାର ଓ ଦାବୀ ସମୂହ ନେଇ ସଂଘ ଆଗାମୀ ଦିନରେ ନିଜର କାର୍ଯ୍ୟକ୍ରମକୁ ପ୍ରଖର କରିବା ସଂକଳ୍ପ ନିଆଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ଦୁର୍ଯ୍ୟୋଧନ ମହାନ୍ତି, କାର୍ଯ୍ୟକାରୀ ସଭାପତି ରୋଶନ ସିଂ, ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ବେହେରା, ବଳରାମ ସରକାର, ଜିତୁ ମିଶ୍ର, ଯୁଗ୍ମ ସମ୍ପାଦକ ତୁଷାର ନାଥ, ମନୋଜ ବିଶ୍ୱାଳ, ଜିକୁନ ପାତ୍ର, ଚିରଞ୍ଜିତ ପରିଡା, ଦୁର୍ଯ୍ୟୋଧନ ସାମଲ, ପୂର୍ଣ୍ଣ ବିଶୋଇ, ମିଲୁ ସାହୁ, ବିଷ୍ଣୁଦେବ ମହାନ୍ତି, ହୃଦୟନନ୍ଦ ପରିଜା, ଯୁବ ନେତା ଦେବଜ୍ୟୋତି ପଟ୍ଟନାୟକ, ଛାତ୍ର ନେତା ଚୁମନ ପ୍ରଧାନ ସହ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ ।

# ଶିକ୍ଷା ହିଁ ସଭ୍ୟତା ବିକାଶର ମୂଳମନ୍ତ୍ର ଅଟେ




ମିତ୍ରପୁର, ୨୯/୧ (ନି.ପ୍ର): ମିତ୍ରପୁର ବିବେକାନନ୍ଦ ଶିଶୁ ମନ୍ଦିର ର ନବମ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ,. ମିତ୍ରପୁର ର ଅଧ୍ୟକ୍ଷ ଶକ୍ତି ପ୍ରସନ୍ନ ଚାନ୍ଦ ଯୋଗ ଦେଇ ପିଲା ମାନଙ୍କ ମଧ୍ୟରେ ଗୁରୁଜୀ ଗୁରୁମା ଏବଂ ଅଭିଭାବକ ମାନେ ଉପଯୁକ୍ତ ଶିକ୍ଷା ଏବଂ ସଂସ୍କାର ଭରି ଦେବା ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ପିଲାମାନଙ୍କୁ ମହାପୁରୁଷ ମାନଙ୍କ ଜୀବନୀ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନ ର ସଭାପତି ଗଙ୍ଗାଧର ମିଶ୍ର ଙ୍କ ସଭାପତି ତ୍ୱ ରେ ଏହି ଉତ୍ସବ ରେ ପୂର୍ବତନ ଛାତ୍ର ସତ୍ୟ ନାରାୟଣ ମିଶ୍ର ସ୍ୱାଗତ ଅଭିଭାଷଣ ଦେବା ସହ କୋଷାଧ୍ୟକ୍ଷ ଲମ୍ବୋଦର ଦାସ, ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିଲେ । ବରେଣ୍ୟ ଅତିଥି ଭାବେ କୁଆଁରପୁର ପଞ୍ଚାୟତ ର ସରପଞ୍ଚ ଗିରିଶ ଚନ୍ଦ୍ର ସିଂ, କୁଆଁରପୁର ପଞ୍ଚାୟତ ର ସମିତି ସଭ୍ୟା ତପସ୍ୱିନୀ ସିଂ,ଜୟ ଜିଲ୍ଲା ପରିଷଦ ସଦସ୍ୟ ଗତିକୃଷ ନନ୍ଦ ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭ ରେ ଅନୁଷ୍ଠାନ ର ସମ୍ପାଦକ ଅଜିତ କୁମାର ରାୟ ଅନୁଷ୍ଠାନ ଗଠନ ର ଆଭିମୁଖ୍ୟ ସହ ଅନୁଷ୍ଠାନ ର ନାନା ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ପ୍ରଧନ ଆଚାର୍ଯ୍ୟ ଖଗେନ୍ଦ୍ର କୁମାର ବାରିକ ବାର୍ଷିକ ବିବରଣୀ ପାଠ କରି ଥିବା ବେଳେ ଗୁରୁଜୀ ଶରତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ଶେଷରେ ଅତିଥି ମାନଙ୍କ ଦ୍ୱାରା କୃତି ପିଲା ମାନଙ୍କୁ ପୁରସ୍କୃତ କରା ଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମହାକୁମ୍ଭରେ ଦଳାଚକଟା...

ଆହତ ଭକ୍ତଙ୍କ ପରିବାର ପ୍ରତି ମୁଁ ସମବେଦନା ଜଣାଉଛି ଏବଂ ଭଗବାନଙ୍କୁ ପ୍ରାର୍ଥନା କରୁଛି ଯେ ସମସ୍ତ ଆହତ ଭକ୍ତ ଶୀଘ୍ର ସୁସ୍ଥ ହୁଅନ୍ତୁ। ଉପରାଷ୍ଟ୍ରପତି ଜଗଦୀପ ଧନଖର ବୁଧବାର ଦିନ ପ୍ରୟାଗରାଜରେ ମହାକୁମ୍ଭ ସମୟରେ ଘଟିଥିବା ଏହି ଘଟଣାରେ ଦୁଃଖ ପ୍ରକାଶ କରି ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି ଯେ, ପ୍ରୟାଗ ମହାକୁମ୍ଭରେ ଘଟିଥିବା ଏହି ଦୁଃଖଦ ଘଟଣା ମୋତେ ଅତ୍ୟଧିକ ବ୍ୟଥିତ କରିଛି। ଏହି ଦୁର୍ଘଟଣାରେ ସମ୍ପର୍କୀୟଙ୍କୁ ହରାଇଥିବା ଲୋକଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଁ ସମବେଦନା ଜଣାଉଛି ଏବଂ ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି ବୋଲି ସେ କହିଛନ୍ତି। ସେ କହିଛନ୍ତି, ଏହି ଦୁଃଖ ସମୟରେ ଭଗବାନ ଶୋକସନ୍ତପ୍ତ ପରିବାରକୁ ଶକ୍ତି ପ୍ରଦାନ କରନ୍ତୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାକୁ ଅତ୍ୟନ୍ତ ଦୁଃଖଦ ବୋଲି କହିଛନ୍ତି ଏବଂ ପରିବାର ସଦସ୍ୟଙ୍କୁ ହରାଇଥିବା ଲୋକଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ଏହି ଦୁର୍ଘଟଣା ପରେ ପ୍ରଧାନମନ୍ତ୍ରୀ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଚାରିଥର କଥା ହୋଇଛନ୍ତି। ଏହି ଦୁର୍ଘଟଣାକୁ ନେଇ ଶୋକ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ, ପ୍ରୟାଗ ମହାକୁମ୍ଭରେ ଘଟିଥିବା ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଭକ୍ତମାନଙ୍କୁ ମୋର ଗଭୀର ସମବେଦନା, ଯେଉଁମାନେ ଏଥିରେ ପରିବାର ସଦସ୍ୟଙ୍କୁ ହରାଇଛନ୍ତି। ଏହା ସହିତ, ମୁଁ ସମସ୍ତ ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି। ମହାକୁମ୍ଭରେ ଦଳାଚକଟାରେ ମୃତ୍ୟୁ ଘଟିଥିବା ପରିଜନଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିଛନ୍ତି। ଏହା ସହିତ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ତିନି ଜଣିଆ କମିଟି ଗଠନ କରାଯାଇଛି। ଏହି ତଦନ୍ତ ପୋଲିସ ତଦନ୍ତଠୁ ଭିନ୍ନ ରହିବ। ଏହା ବାଦ୍ ମୁଖ୍ୟ ସଚିବ ଓ ଡିଜିପିଙ୍କୁ ଗୁରୁବାର ପ୍ରୟାଗରାଜ ଯିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଦେଶ ଦେଇଛନ୍ତି। ମୌନି ଅମାବାସ୍ୟାର ସାହି ସ୍ନାନର ଠିକ୍ ପୂର୍ବରୁ ସୋମବାର-ମଙ୍ଗଳବାର ରାତିରେ ଦଳାଚକଟାରେ ଏ ପର୍ଯ୍ୟନ୍ତ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୦ ଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବତନ ବିଚାରପତି ହର୍ଷ କୁମାରଙ୍କ ଅଧ୍ୟକ୍ଷତାରେ ତଦନ୍ତ କମିଟି ଗଠନ କରାଯାଇଛି। ପୂର୍ବତନ ଡିଜି ଭିକେ ଗୁପ୍ତା ଓ ଅବସରପ୍ରାପ୍ତ ଆଇଏଏସ ବିକେ ସିଂ କମିଟିରେ ସାମିଲ ଅଛନ୍ତି।

## ନବ ଦାସ ହତ୍ୟାକାଣ୍ଡ...

ଯାହାକୁ ଭିନ୍ନ ଦିଗ ଦେଇ ଚାପି ଦିଆଯାଇଛି ! ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତା ତଥା ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ହତ୍ୟା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା ନା ବ୍ୟାବସାୟିକ ଶତ୍ରୁତାର ପରିଣତି । କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ ପ୍ରଶ୍ନ ଉଠିବା ପରେ ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ସିବିଆଇ ତଦନ୍ତ ଦାବି କରିଥିଲେ । ଆଉ ଆଜି ନବଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ କହିଛନ୍ତି ବାପାଙ୍କ ହତ୍ୟାକାରୀକୁ ଧରିବା ପାଇଁ ସିବିଆଇ ତଦନ୍ତ ଲାଗି ସରକାରଙ୍କୁ ସପ୍ତାହେ ଦୁଇ ସପ୍ତାହେ ଭିତରେ ଲିଖିତ ଭାବେ ଜଣାଇବି । ସେପଟେ ଶ୍ରାଦ୍ଧ ଦିବସରେ ବି ରାଜନୈତିକ ବୟାନ ବାଜି କମିନି । ଭୁବନେଶ୍ୱରରେ ଆୟୋଜିତ ନବକିଶୋର ଫାଉଣ୍ଡେସନ ପକ୍ଷରୁ ସ୍ମୃତି ଚାରଣ ଉତ୍ସବରେ ଅନେକ ରାଜନେତା ଓ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଏଥିରେ ଯୋଗ ଦେଇ ହତ୍ୟାକାଣ୍ଡକୁ ନେଇ ସାଂଘାତିକ ବୟାନ ଦେଇଛନ୍ତି । କହିଛନ୍ତି, ହତ୍ୟା ପଛରେ ଜଣେ ଆଇପିଏସ୍, ଜଣେ ଆଇଏଏସ୍ ଓ ଦୁଇ ରାଜନେତାଙ୍କ ହାତ ଅଛି । କୌଣସି ଶତ୍ରୁତା ନଥାଇ କାହିଁକି ଗୋପାଳ ହତ୍ୟାକଲା ? ଗୁଳି ବାଜିଥିବା ସାର୍ଟ, ଗୁଳି ଗଲା କୁଆଡେ ? ତାକୁ ନେଇ ବି ପ୍ରଶ୍ନ ଉଠାଇଛନ୍ତି । ସେହିପରି ରାଜସ୍ୱ ମନ୍ତ୍ରୀ କହିଛନ୍ତି ନବ ଦାସଙ୍କ ହତ୍ୟାକାଣ୍ଡ ଗୋଟିଏ ସ୍କ୍ରିପ୍ଟ । ଯେଉଁମାନେ ତଦନ୍ତ କରୁଥିଲେ ସେମାନଙ୍କ ଆଚରଣ ଉଚ୍ଚାରଣ କହୁଥିଲା ଯେ ସେମାନେ ତଦନ୍ତକୁ ଦିଗହରା କରୁଛନ୍ତି । ଯେଉଁ ଚାର୍ଜସିଟ୍ ପ୍ରସ୍ତୁତ ହୋଇଛି ତା'ର ବିଚାରରେ କୌଣସି ମୂଲ୍ୟ ନାହିଁ ।

## ଉତ୍କର୍ଷ ଓଡ଼ିଶା କନକ୍ଲେଭରେ...

କନକ୍ଲେଭର ଉଦଯାପନୀ ଦିବସରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ପୁଞ୍ଜି ନିବେଶ ପ୍ରସ୍ତାବ ଆସିଥିବା କ୍ଷେତ୍ର ମଧ୍ୟରେ ରହିଛି, ଏନର୍ଜି, ଫୁଡ୍ ପ୍ରୋସେସିଂ, ଟୁରିଜିମ୍ ଭଳି ବହୁଳ ସୁଯୋଗ ଓ ସମ୍ଭାବନାର କ୍ଷେତ୍ର । ସେହିଭଳି ଗ୍ରୀନ୍ ହାଇଡ୍ରୋଜେନ୍, ସୌରଶକ୍ତି, ବୟନ ଶିଳ୍ପ, କୃଷିଭିତ୍ତିକ ଶିଳ୍ପ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥା ସହ ବୁଝାମଣା ସ୍ୱାକ୍ଷର ହୋଇଛି । ଏପଟେ ରାଜ୍ୟର ମହିଳାଙ୍କ ପାଇଁ ମୋହନ ସରକାର ଆଣିଥିବା ସବୁଠୁ ବଡ଼ ଆର୍ଥିକ ସହାୟତା ଯୋଜନା ସୁଭଦ୍ରାରେ ହିତାଧିକାରୀ କିଭଳି କ୍ଷୁଦ୍ର ବ୍ୟବସାୟ ସାଙ୍ଗକୁ ଆତ୍ମନିର୍ଭରଶୀଳ ହୋଇପାରିବେ, ତା ଉପରେ ମଧ୍ୟ ଏକ ସ୍ୱତନ୍ତ୍ର ସେସନରେ ଆଲୋଚନା ହୋଇଛି । ସୁଭଦ୍ରା ହିତାଧିକାରୀଙ୍କୁ ତାଲିମ ପାଇଁ ୱାର୍ଲଡ ସ୍କିଲ୍ ସେଣ୍ଟର ଓ ଓଓଗ ସମ୍ବଲପୁର ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି । ଓଡ଼ିଶା ପାଇଁ ବହୁଳ ସୁଯୋଗ ଓ ସମ୍ଭାବନା ଥିବା ପର୍ଯ୍ୟଟନ କ୍ଷେତ୍ର ପାଇଁ ମୋଟ ୮ ହଜାର କୋଟିର ପୁଞ୍ଜି ପ୍ରସ୍ତାବ ଆସିଛି । ଏ କ୍ଷେତ୍ରରେ ୧୨୧ଟି ପ୍ରୋଜେକ୍ଟ ଉପରେ ପୁଞ୍ଜି ପ୍ରସ୍ତାବ ଆସିଥିବା କହିଛନ୍ତି ବିଭାଗୀୟ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଏ କ୍ରମରେ ନ୍ୟାସନାଲ କାଉନସିଲ୍ ଅଫ୍ ସାଇନ୍ସ ମ୍ୟୁଜିୟମ୍ ସହିତ ଏକ ଗଡଂଟ ହୋଇଛି । 'ରିସର୍ଟ, ହୋଟେଲ, ୱାଟର ସ୍ପୋର୍ଟ୍ସ, ଆଡଭେଞ୍ଚର୍ସ ସ୍ପୋର୍ଟ୍ସକୁ ଗୁରୁତ୍ୱ ଦିଆଯାଉଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଆରପାରିରେ ...

ସେ ତାଙ୍କ ଜେଜେବାପା ପରମାନନ୍ଦ ଜେନାଙ୍କଠାରୁ ଶିକ୍ଷା ଗ୍ରହଣ କରିଥିଲେ। ଏଥିସହ ଶ୍ରୀ ଜେନା ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ଥିଲେ। ତେବେ ୧୯୭୨ ମସିହାରେ 'ଧରିତ୍ରୀ' ଚଳଚ୍ଚିତ୍ରରୁ ଗତ ଲେଖିବା ଆରମ୍ଭ କରିଥିଲେ।

## ସରିଲା ଶୀତ, ଆଜିଠୁ କଲବଲ ...

କୁହୁଡି ଦେଖିବାକୁ ମିଳିବ। ଜାନୁଆରୀ ନ ଯାଉଣୁ ବଢ଼ିଲାଣି ତାତି । କିଛି ଦିନ ତଳେ କୋରାପୁଟରେ ୫୨ ବର୍ଷର ରେକର୍ଡ ଭାଙ୍ଗିଥିଲା ଜାନୁଆରୀ ତାପମାତ୍ରା । ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ ସୂଚନା ଅନୁଯାୟୀ ୨୩ ତାରିଖରେ କୋରାପୁଟରେ ସର୍ବାଧିକ ତାପମାତ୍ରା ଥିଲା ୩୩.୨ ଡିଗ୍ରୀ । ଯାହା ୫୨ ବର୍ଷର ରେକର୍ଡ ଭାଙ୍ଗିଛି । ମାଳଭୂମିରୁ ହଠାତ୍ ଉଭାନ ହୋଇଯାଇଛି ଶୀତ । ରାତିରେ ହାଲକା ଥଣ୍ଡା ପରିବେଶ ରହୁଥିଲେ ବି ସୂର୍ଯ୍ୟୋଦୟ ପରେ କିନ୍ତୁ ଦିନରେ ଟାଇଁ ଟାଇଁ ଖରା । ଜାନୁଆରୀ ନ ସରୁଣୁ ଏବେଠୁ ଦରକାର ପଡିଲାଣି ଫ୍ୟାନ୍ । ଯେଉଁଠି ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବି ଲାଗିରହେ ଶୀତ, ଏ ବର୍ଷ କିନ୍ତୁ ଏବେଠାରୁ ଗରମ ଅନୁଭୂତ ହେଲାଣି ।

## ଉତ୍କର୍ଷ ଓଡ଼ିଶା କନକ୍ଲେଭରେ...

ପର୍ଯ୍ୟଟନ କ୍ଷେତ୍ରକୁ ଆସିଛି ୧୨୧ଟି ପୁଞ୍ଜିନିବେଶ ଆଗ୍ରହ । ଏହା ଜରିଆରେ ରାଜ୍ୟକୁ ଆସିବ ୮ ହଜାର ୧୫୩ କୋଟି ଟଙ୍କାର ନିବେଶ । ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ପ୍ରଥମ ଦିନରେ ସ୍ୱାକ୍ଷର ହୋଇଛି ୫୪ ଗଋଟ। ସବୁଠୁ ଅଧିକ ୨ ଲକ୍ଷ ୨୮ ହଜାର କୋଟିର ପୁଞ୍ଜିନିବେଶ ପାଇଁ ଆଦାନୀ ସହ ବୁଝାମଣା ହୋଇଥିଲା ବେଳେ କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଜେଏସଡବ୍ଲୁ ସହ ଚୁକ୍ତି କରିଛନ୍ତି ସରକାର। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ ହେବ ଷ୍ଟିଲ୍ ପାଣ୍ଟ। ରାଜ୍ୟରେ ଆଦାନୀ କରିବ ୨ ଲକ୍ଷ ୨୮ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ । ଆସନ୍ତା ୬ ବର୍ଷରେ ୭୦ ହଜାର କୋଟି ପୁଞ୍ଜି ନିବେଶ ପାଇଁ ଔଝଚଖ ପ୍ରତିଶ୍ରୁତି ଦେଇଛି। ଗୋପାଳପୁରରେ ରିନ୍ୟୁଏବୁଲ୍ ଏନର୍ଜିରେ ୨୦ ହଜାର କୋଟି ଟଙ୍କାର ପ୍ରକଳ୍ପ କରିବ ଆଭାଡ଼ା। ସେହିପରି କେନ୍ଦୁଝରରେ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ପାଇଁ ୩୦ ରୁ ୪୦ ହଜାର କୋଟିର ପୁଞ୍ଜି ନିବେଶ ପାଇଁ ଔଝଡ ଗ୍ରୁପ ସହ ଗଡଂଟ ହୋଇଛି। ଅପରପକ୍ଷେ କପର ଫଏଲ୍ ପ୍ଲାଣ୍ଟ ସ୍ଥାପନ ପାଇଁ ବିର୍ଲା ଗ୍ରୁପ୍ ସହ ଏମଓୟୁ ସ୍ୱାକ୍ଷର ହୋଇଥିଲା ବେଳେ ରାୟଗଡ଼ାରେ ଆଲୁମିନିୟମ୍ ପ୍ଲାଣ୍ଟ ପାଇଁ ଲକ୍ଷେ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରତିଶ୍ରୁତି ଦେଇଥିଲା ବେଦାନ୍ତ। ସେହିପରି ଓଡ଼ିଶାରେ ଆଲୁମିନିୟମ୍ ରିଫାଇନାରୀ ଓ ଆଲୁମିନିୟମ୍ ସ୍ମେଲଟର ପ୍ଲାଣ୍ଟ କରିବାକୁ ଆଦିତ୍ୟ ବିର୍ଲା ଗ୍ରୁପ୍ ୫୦ ହଜାର କୋଟି ନିବେଶ ଲାଗି ନିଷ୍ପତ୍ତି ନେଇଥିଲା ବେଳେ ପେଟ୍ରୋକିମିକାଲ୍ସ କ୍ଷେତ୍ରରେ ଭଦ୍ରକ ଓ ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ୭୦ ହଜାର କୋଟିର ପୁଞ୍ଜି ନିବେଶ କରିବ। ଏସବୁ ସହ ଆଜି ଗୋଟିଏ ଦିନରେ ୧୦୦ରୁ ଅଧିକ ନୂଆ ପୁଞ୍ଜିନିବେଶ ନେଇ ଆଗ୍ରହ ପ୍ରକାଶ ପାଇଥିବା ନେଇ ସୂଚନା ଦେଇଛି ଶିଳ୍ପ ବିଭାଗ। ମୁଖ୍ୟମନ୍ତ୍ରୀ କହିଛନ୍ତି ଆଗାମୀ ଦିନରେ ଓଡ଼ିଶା ଶିଳ୍ପର ହବ୍ ହେବାକୁ ଯାଉଛି।

## ଇତିହାସ ରଚିଲା...

ଢାଞ୍ଚାକୁ ଉତକ୍ଷେପଣ କରାଯିବ। ଏହା କାର୍ଯ୍ୟକାରୀ ହେବା ପରେ ଯାନବାହନ, ଉଡ଼ାଜାହାଜ, ଜଳଜାହାଜ, ମୋବାଇଲ୍ ଫୋନ୍ ଆଦିର ଅବସ୍ଥିତି ନିରୂପଣ କରିବା ଅଧିକ ସହଜ ହୋଇପାରିବ। ଏହାସହ ପରିବେଶ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ସହ ଭୌଗୋଳିକ ସୂଚନା ଆଦି କ୍ଷେତ୍ରରେ ବ୍ୟବହାର କରାଯାଇପାରିବ । ୧୯୭୯ ଅଗଷ୍ଟ ୧୦ରେ ପ୍ରଥମ ଥର ପାଇଁ ଶ୍ରୀହରିକୋଟାରୁ ସାଟେଲାଇଟ୍ ଲଞ୍ଚ ଭେଇକିଲ ବା ଏସଲଭିର ଲଞ୍ଚ କରାଯାଇଥିଲା, ଆଉ ଆଜି ଶହେତମ ଉତକ୍ଷେପଣ ହୋଇଛି।

## ହୋମଗାର୍ଡଙ୍କୁ ବି ମିଳିବନି ....

ହୋମଗାର୍ଡ ସରକାରୀ ଚାକିରୀ କରୁଛନ୍ତି ସେଥିପାଇଁ ତାଙ୍କ କାର୍ଡ ରଦ୍ଦ ହୋଇପାରେ । ଗ୍ରାମରକ୍ଷୀଙ୍କ ଭଳି ହୋମଗାର୍ଡ ପରିବାରର ରାସନ କାର୍ଡ ରଦ୍ଦ କରିବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ପ୍ରକ୍ରିୟା । ଗ୍ରାମରକ୍ଷୀଙ୍କ ଭଳି ହୋମଗାର୍ଡ ବି ପାଅନ୍ତି ଭତ୍ତା । କାମ କଲେ ଦିନକୁ ମିଳିବ ୬୧୨ ଟଙ୍କା ଭତ୍ତା , ଡ୍ୟୁଟି ନାହିଁ ତ ପଇସା ବି ନାହିଁ । ରାଜ୍ୟରେ କାର୍ଯ୍ୟରତ ୧୫ ହଜାର ୫ ଶହ ହୋମଗାର୍ଡ ପୂର୍ବ ସରକାର ରାସନ ପାଉଥିବାବେଳେ ଏବେ କାର୍ଡ ହୋଇଯିବ ରଦ୍ଦ । ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ବର୍ଷିଛନ୍ତି ବିରୋଧି । ରାଜ୍ୟର ବିଭିନ୍ନ ଥାନା ଅଧିନରେ କାମ କରୁଥିବା ୧୮ ହଜାର ଗ୍ରାମରକ୍ଷୀଙ୍କ କାର୍ଡ ରଦ୍ଦ ହେବା ପରେ ହୋମଗାର୍ଡ , ରୋଷେୟା ଭଳି କିଛି ସଙ୍ଗଠନର ରାସନ କାର୍ଡ ରଦ୍ଦ ହୋଇଯିବ । କିନ୍ତୁ ହଠାତ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି କାହିଁକି ନେଲେ ତାର ଉତ୍ତର କାହାରି ପାଖରେ ନାହିଁ ।

ଧ୍ୱନି ପ୍ରତିଧ୍ୱନି



# ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବାସୁଦେବପୁର, ୨୯/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ଡୁଙ୍ଗ ପଂଚାୟତର ବାରା ପୁର ହାଇସ୍କୁଲ୍ ପରିସରରେ ବାସୁଦେବପୁର ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ୍ ସ୍ତରୀୟ ଭୀମ ଭୋଇ ଭିନ୍ନ କ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ୍ ବିଡିଓ ତନ୍ମିତା କର ଏହି ଶିବିର ରେ ସଭାପତିତ୍ୱ କରିଥିଲେ। ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଯନ୍ତ୍ରୀ ଅନିମେଶ ସୁବୁଦ୍ଧି ରାୟ,ସ୍ଥାନୀୟ ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ , ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଭା ରଞ୍ଜିତା ପୁହାଣ, ବାରା ପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଜ୍ୟୋତି ପ୍ରକାଶ ଲେଙ୍କା, ବସନ୍ତ ଚନ୍ଦ୍ର ସନ୍ଧି ବିଗ୍ରହ, ଅରଣ୍ଡୁଆ ସରପଞ୍ଚ ଙ୍କ ପ୍ରତିନିଧି ମୁକ୍ତିକାନ୍ତ ନାୟକ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପଣ୍ଡା, ରାଜଘର ପୋଖରୀ ସମିତି ସଭ୍ୟ ରମେଶ ଚନ୍ଦ୍ର ବଳ, ବିନୋବା ନଗର ସରପଞ୍ଚ ଆଦିତ୍ୟ ଗିରି, ନୂଆ ଗାଁ ସରପଞ୍ଚ ରିନା ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ଅମିୟ କୁମାର ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଭିନ୍ନକ୍ଷମ ଭାଇ ଭଉଣୀ ମାନେ ଆସି ଏଠାରେ ଡାକ୍ତର ଙ୍କ ସହିତ ପରାମର୍ଶ କରିଥିଲେ।



## ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ବାଲିଆପାଳ, ୨୯/୧ (ନି.ପ୍ର): ବାଲିଆପାଳ ବ୍ଲକ ସ୍ଥାନୀୟ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଯାପିତ ହୋଇଯାଇଛି ଅଧ୍ୟକ୍ଷା ସୁଦୀପ୍ତା ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଛି ଏହି କାୟ୍ୟକ୍ରମ ର ସଂଯୋଜକ ଅଧ୍ୟପକ ରମେଶ ଚନ୍ଦ୍ର ପଣ୍ଡା ଦୀର୍ଘ ଆଠ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ଶିବିରରେ ଛାତ୍ରୀ ମାନଙ୍କର ଶିଖିବାର ଆଗ୍ରହ କୁ ପ୍ରସାଂସ କରିଥିଲେ ପ୍ରସିସିକା ଜ୍ୟୋତିରେଖା ବିଶ୍ୱାଳ, ଭାର୍ଗବୀ ସିଂ ତାଙ୍କର ଅନୁଭୂତି କଥା କହି ସାରାଜୀବନ ଏହାକୁ ଅଭ୍ୟାସ କରିବା ପାଇଁ ପରାମର୍ଶ ଦେଇଥିଲେ ଅଧ୍ୟପକ ପୁଷ୍ପାଞ୍ଜଳୀ ଅଚାର ?ୟା, ବରେନ୍ଦ୍ର ବେହେରା,ଉତ୍ତମ ମହାନା ପ୍ରମୁଖ ସରକାରଙ୍କ ଅଭିନ୍ନ ପ୍ରୟାଶକୁ ପ୍ରସଂଶା କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ଅର୍ଣ୍ଣପୂନା ମାଝୀ, ସୁକାନ୍ତ ଜେନା, ସନ୍ୟାସୀ ବେହେରା, ଅରୁଣ ମାଣିକ, ଦିଗାମ୍ବର ରଣା ପ୍ରମୁଖ ଉପସ୍ଥିତ ଥିଲେ।

# କାଶିପୁର ପ୍ରିମିୟର୍ କ୍ରିକେଟ୍ ଲିଗ୍ ଉଦ୍‌ଯାପିତ

ବାଲିଆପାଳ, ୨୯/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବେତଗଡିଆ ପଞ୍ଚାୟତର କାଶିପୁର ଗ୍ରାମରେ 'କାଶିପୁର ପ୍ରିମିୟର୍ କ୍ରିକେଟ୍ ଲିଗ୍' ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବାଲିଆପାଳ ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିବା ସହ ଚମ୍ପିୟାନ ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏବଂ ଖେଳାଳି ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବେତଗଡିଆ ପଞ୍ଚାୟତ ସରପଞ୍ଚ ଙ୍କ ପ୍ରତିନିଧି ସନ୍ତୋଷ କୁମାର ଗିରି, ନାଏବ ସରପଞ୍ଚ ଶିବ ପ୍ରସାଦ ପରିଡା,ୱାର୍ଡ ସଭ୍ୟ ବିପିନ ସାମନ୍ତ



ରାୟ,ପୂର୍ବତନ ସରପଞ୍ଚ କମଳ ଲୋଚନ କର,କାଶିପୁର ଗ୍ରାମ୍ୟ ମୁଖ୍ୟ ଗିରିଧାରୀ ପଡିଆରୀ ,ଧୀରେନ୍ଦ୍ର ମାଝୀ,ଯୁବ ନେତା ପ୍ରଦୀପ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଟୁର୍ନାମେଣ୍ଟ ରେ ୬ଟି ଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ରେ ବାବା ଶଙ୍କର ନାଥ କ୍ଲବ ନଇଘାଟୀ ଦଳକୁ ହରାଇ ଜଗନ୍ନାଥ ଇଲେଭେନ ଷ୍ଟାର ରାଉତୁରା ଦଳ ବିଜୟୀ ହୋଇଥିଲେ । ଜଗନ୍ନାଥ ମାଝୀ,କାଳି ଚରଣ ମାଝୀ, ପ୍ରିୟବ୍ରତ ପଡିଆରୀ, ସୂର୍ଯ୍ୟ ପ୍ରତାପ ଦାସ, ଓମ ପ୍ରକାଶ ଗିରି ପ୍ରମୁଖ ବହୁ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନା ରେ ସହଯୋଗ କରିଥିଲେ ।

# ବୁଢ଼ାବଳଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଡ଼ସାହି , ୨୯/୧ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ବୁଢ଼ାବଳଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ୫୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇଅଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ବନୀତା ଗିରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସହକାରୀ ଶିକ୍ଷକ ବିଷ୍ଣୁ ଚରଣ ଦାସ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ, ଜଡିଦା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ଜଗନ୍ନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଅନୱାର ଖାନ ବନପାଳ ବେତନଟୀ ରେଞ୍ଜ, ମୁଖ୍ୟ ବକ୍ତା ଡଃ ରମାକାନ୍ତ ସିଂହ ,ଅବସର ପ୍ରାପ୍ତ ଅଧକ୍ଷ ବେତନଟୀ ମହାବିଦ୍ୟାଳୟ , ସ୍ୱତନ୍ତ୍ର ଅତିଥି ଡଃ ଅନ୍ତର୍ଯ୍ୟାମୀ ନାଏକ ,ଓଡ଼ିଆ ଅଧାପକ ମାଣତ୍ରୀ ମହାବିଦ୍ୟାଳୟ



, ସମ୍ମାନୀତ ଅତିଥି ସିଦ୍ଧେଶ୍ୱର ପୃଷ୍ଟି ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ , ସନ୍ତୋଷ କୁମାର ଖଣ୍ଡା ଶାଳଗାଁ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ସଂଯୋଜକ ଲକ୍ଷ୍ମଣ ରାଉତ ସମାଜସେବୀ ସୋମନାଥ ରାଉତ ସଭାପତି , ବିଦ୍ୟାଳୟ ପରିଚାଳନା କମିଟି ଯୋଗଦେଇ ଥିଲେ । ଅତିଥି ବୃନ୍ଦ ପ୍ରଭୁ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପ ଦୀପ ଅର୍ପଣ କରି କାର୍ଯ୍ୟକ୍ରମ ର ଉଦଘାଟନ କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଚିନ୍ମୟ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ ଛାତ୍ର ଛାତ୍ରୀଙ୍କ ଠାରେ ସୃଜନଶିଳତାର ଅଭାବ ପରିଲକ୍ଷିତ ହୋଇଛି , ଉପଯୁକ୍ତ ପରିବେଶ ସହିତ ଖାପ ଖୁଆଇ ପାରିଲେ ଜୀବନ ଉନ୍ନତି ହେବ ବୋଲି ମତ ଦେଇଥିଲେ। ଆଜିର ଶିକ୍ଷା ବ୍ୟବସ୍ଥାର ନୈତିକ ଶିକ୍ଷା ସହିତ ଗୁଣାତ୍ମକ ଶିକ୍ଷାର ବିକାଶ ଅପରିହାର୍ଯ୍ୟ ଅଟେ। ଯେକୌଣସି କ୍ଷେତ୍ରରେ ସଫଳତା ହାସଲ ପାଇଁ ସ୍ୱପ୍ନ ଦେଖିଲେ ମଣିଷ ବଡ଼ ହୋଇପାରିବ ବୋଲି ଅତିଥି ବୃନ୍ଦ ବକ୍ତବ୍ୟ ରଖିଥିଲେ । ପୂର୍ବରୁ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ବୃନ୍ଦ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶୁଭ୍ରଜ୍ୟୋତି ସାହୁ , ମୋହିନି ମୋହନ ନାୟକ , ସୁଧାପାଣି ବେହେରା , ଶତୃଘ୍ନ ନନ୍ଦୀ , ନିୟତି କର , ମାହିଜୀବିନ ସୁଲତାନା , ଇନ୍ଦ୍ରଭୂଷଣ ଦିକ୍ଷୀତ ଓ ଅନ୍ୟମାନେ ସହଯୋଗ କରିଥିଲେ । ସର୍ବଶେଷରେ ଶିକ୍ଷକ ବିଜୟ କୁମାର ମହାଳିକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଝୁମର ଉପରେ ଜାତୀୟ ସେମିନାର ଓ ସାଂସ୍କୃତିକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାରିପଦା , ୨୯/୧ (ନି.ପ୍ର): ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ଓଡିଶା ଝୁମର ଏକାଡେମୀ ଆନୁକୂଲ୍ୟରେ ଝୁମର ଉପରେ ଜାତୀୟ ସେମିନାର ଓ ସାଂସ୍କୃତିକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏକାଡେମୀର ସମ୍ପାଦକ ଆଇନଜୀବୀ ବସନ୍ତ କୁମାର ମହାନ୍ତିଙ୍କ ଆବାହନରେ ତଥା ସଭାପତି ଆଇନଜୀବୀ ଅବନୀ କୁମାର ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଜାତୀୟ ପତ୍ନତତ୍ତ୍ୱ ପ୍ରାଧିକାରଣର ଅଧକ୍ଷ ପ୍ରଫେସର ଡଃ କିଶୋର ବସା ଏକାଡେମୀର ଆଗାମୀ କାର୍ଯ୍ୟକ୍ରମ ଉପରେ ବହୁମୂଲ୍ୟ ପରାମର୍ଶ



ଦେଇଥିଲେ । ଆଗାମୀ ସେପ୍ଟମ୍ବରର ମାସରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡିଶା ସମେତ ଆସାମ, ପଶ୍ଚିମବଙ୍ଗ, ଝାରଖଣ୍ଡ, ଛତିଶଗଡ ଆଦି ରାଜ୍ୟରୁ ଝୁମରପ୍ରେମୀ ଓ ଝୁମର ବିଶାରଦ ଯୋଗ ଦେଇ ଝୁମର କଳାର ପ୍ରଚାର ପ୍ରସାର ସେମିନାରର ଲକ୍ଷ୍ୟ ବୋଲି ସମ୍ପାଦକଙ୍କ ସୂତ୍ରରୁ ପ୍ରକାଶ ଓ ତତସହିତ ଝୁମର ଲେଖକ, କଳାକାର, ବାଦ୍ୟକାର, ଗୀତିକାର ମାନଙ୍କ ସମାଗମ ସହ ଝୁମର ସମ୍ପର୍କିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ଉପ ସଭାପତି ରାକେଶ ସିଂ, ଯୁଗ୍ମ ସହ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ମହାନ୍ତ, ଝୁମର ଲେଖକ ସର୍ବଶ୍ରୀ କୃପାସିନ୍ଧୁ ମହାନ୍ତ, ଗୁରୁଚରଣ ମହାନ୍ତଙ୍କ ସମେତ ମହାଦେବ ଦାସ, ସମାଜସେବୀ ଗଦାଧର ବେହେରା, ଆଇନଜୀବୀ ସୁରେନ୍ଦ୍ର ସିଂ ଓ ଝୁମର ଗବେଷକ ପ୍ରାଧାପକ ଗୋପବନ୍ଧୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଯୁବକଙ୍କ ଅସଦାଚରଣ ଓ ମାଡ଼ ମାରିବାକୁ ନେଇ ଥାନାରେ ଅଭିଯୋଗ

ନୀଳଗିରି, ୨୯/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ଗୁଡିଖୁଲା ଗ୍ରାମର ସଲାମା ମାଝୀ (୪୦)ଗତ ଜାନୁଆରୀ ୨୩ତାରିଖ ସନ୍ଧ୍ୟା ୭ଟା ବେଳେ ସ୍ଥାନୀୟ ବଜାରରୁ ଘରକୁ ସ୍ୱାମୀ ଜୟରାମ ମାଝୀଙ୍କ ସହ ଫେରୁଥିବା ବେଳେ ଗୁଡିଖୁଲା ଗାଁର ଭୁଟା ମାଝୀଙ୍କ ପୁଅ ଚନ୍ଦନ(୧୯) ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରଦିନ ଘରେ କେହି ନଥିବାର ସୁଯୋଗନେଇ ଚନ୍ଦନ ସଲମା ମାଝୀଙ୍କ ପ୍ରାଇଭେଟ ପାର୍ଟରେ ହାତ ମାରିବା ସହ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିବାନେଇ ଉଦ୍ୟମ କରିଥିଲେ। ଘଟଣା ବିଷୟରେ ଚନ୍ଦନ ମାଝୀଙ୍କୁ ପଚାରିବାରୁ ଓଲଟି ମାଡ଼ମାରିବା



ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଥାନାରେ ଅଭିଯୋଗ କଲେ ସ୍ତ୍ରୀ ସଲମା ମାଝୀର ଇଜ୍ଜତ ନେବେ ବୋଲି ଚନ୍ଦନ ମାଝୀ ଧମକ ଦେଇଥିଲେ। ଏନେଇ ନୀଳଗିରି ଥାନାରେ ସଲମା ମାଝୀ ଲିଖିତ ଅଭିଯୋଗ କରିବା ପରେ, ଈଶ୍ୱରପୁର ଫାଣ୍ଡି ଅଧିକାରୀ ଖଗେନ୍ଦ୍ର ମହାଳିକ ଘଟଣାସ୍ଥଳେ ପହଂଚି ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ଦେବଗଡ଼ ପୌରାଧକ୍ଷା ଶାନ୍ତିମଞ୍ଜରୀ ଦେଇ ବହିଷ୍କୃତ

ଭୁବନେଶ୍ୱର, ୨୯/୧ (ନି.ପ୍ର): ଦେଓଗଡ ପୌର ଅଧକ୍ଷା ବହିଷ୍କୃତ ହୋଇଛନ୍ତି । ରାଜ୍ୟ ସରକାର ଦେଓଗଡ଼ ଜିଲ୍ଲାପାଳଙ୍କ ତଦନ୍ତ ରିପୋର୍ଟ ଆଧାରରେ ପୌର ଅଧକ୍ଷା ଶ୍ରୀମତୀ ଶାନ୍ତି ମଞ୍ଜରୀ ଦେଇଙ୍କୁ ବହିଷ୍କୃତ କରିଛନ୍ତି । ଓଡ଼ିଶା ମୁନିସିପାଲ ଆକ୍ଟ -୧୯୫୦,ଧାରା ୫୩ ଅନୁଯାୟୀ, ଦେବଗଡ଼ ନଗରପାଳିକାର ବିଜେଡି ପୌରାଧକ୍ଷକ୍ଷ ଶାନ୍ତିମଞ୍ଜରୀ ଦେଇଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରାଯାଇଛି । ଏ ସମ୍ପର୍କରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁସାରେ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ଆଦେଶକ୍ରମେ ପୌରାଧକ୍ଷକ୍ଷଙ୍କୁ ତତକ୍ଷଣାତ ବହିଷ୍କାର କରାଯାଇଛି । ଉପରୋକ୍ତ ଧାରା ଅନୁଯାୟୀ ଧାରାବାହିକ ଭାବେ ମୁନିସିପାଲ ଆକ୍ଟଗୁଡିକୁ ଅବମାନନା କରୁଥିବା ଅଭିଯୋଗରେ ଶାନ୍ତିମଞ୍ଜରୀ ଦେଇଙ୍କୁ ସରକାର ଗତ ନଭେମ୍ବର ମାସ ୧୧ତାରିଖ ଦିନ କାରଣ ଦର୍ଶାଇବା ପାଇଁ ନୋଟିସ ଜାରି କରିଥିଲେକ୍ଷ ଶାନ୍ତିମଞ୍ଜରୀ ଦେଇ ଏହି ନୋଟିସକୁ ହାଇକୋର୍ଟରେ ଚାଲେଞ୍ଜ କରିଥିଲେକ୍ଷ କିନ୍ତୁ ହାଇକୋଟ ଗତ ଡିସେମ୍ବର ୧୧ ତାରିଖ ଦିନ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ ଓ ୭ ଦିନ ମଧ୍ୟରେ ନିଜ ଜବାବ ଦକ୍ଷଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେକ୍ଷ ତାହାଅନୁଯାୟୀ, ପୌରାଧକ୍ଷକ୍ଷ ଡିସେମ୍ବର ୧୭ ତାରିଖ ଦିନ ତାଙ୍କ ଉତ୍ତର ରଖିଥିଲେ କ୍ଷ ଏହାପରେ ମଧ ' ପ୍ରାକୃତିକ ନ୍ୟାୟ ' ଦୃଷ୍ଟିରୁ ଗତ ତା ୨୫ରିଖ ଦିନ ଗୃହ ଓ ନଗରଉନୟନ ବିଭାଗ ମନ୍ତ୍ରୀଙ୍କ ଅଦାଲତରେ ପୌରାଧକ୍ଷକ୍ଷଙ୍କୁ ଶୁଣାଣି ପାଇଁ ସୁଯୋଗ ଦିଆଯାଇଥିଲାକ୍ଷ କିନ୍ତୁ, ପୌରାଧକ୍ଷକ୍ଷଙ୍କ ଉତ୍ତର ସନ୍ତୋଷଜନକ ନହେବାରୁ ତାଙ୍କୁ ତାଙ୍କ ପଦବୀରୁ ଗତ ୨୮ରିଖ ଦିନଠାରୁ ବହିଷ୍କାର କରାଯାଇଥିବା ଜଣା ପଡିଛି ।

# ଇଡିଦାରେ କ୍ଲଷ୍ଟର୍ ସ୍ତରୀୟ ନିପୁଣ ମେଳା



ବସ୍ତା, ୨୯/୧ (ନି.ପ୍ର): ନିପୁଣ ଓଡିଶା ମିଶନ ଅଧିନରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଗୁଡିକରେ ହେଉଥିବା ଅଭିନବ ଶିକ୍ଷାଦାନ ପ୍ରଣାଳୀ ଏବଂ ସର୍ବୋତ୍ତମ ଅଭ୍ୟାସକୁ ପ୍ରୋତ୍ସାହିତ ଏବଂ ପ୍ରଦର୍ଶିତ କରିବା ପାଇଁ ବସ୍ତା ବ୍ଲକ ଅନ୍ତର୍ଗତ ଇଡିଦା କ୍ଲଷ୍ଟରର ରାଧାନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର୍ ସ୍ତରୀୟ ନିପୁଣ ଓଡିଶା ମେଳା ଆୟୋଜିତ ହୋଇଅଛି । ଏହି ମେଳାରେ ଉକ୍ତ କ୍ଲଷ୍ଟରର ଏଫ ଏଲ ଏନ ବର୍ଗର ବାରଟି ବିଦ୍ୟାଳୟରୁ ଦୁଇ ଶହରୁ ଅଧିକ ଛାତ୍ର ଛାତ୍ରଛାତ୍ରୀ ଏବଂ ଦୁଇ ଶହରୁ ଅଧିକ ଅଭିଭାବକ ଯୋଗଦେଇଥିଲେ ।ରଘୁନାଥ ଉଚ୍ଚ ବିଦ୍ୟାଳୟ, ଗୋତୁଡିହାର ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ର ତଥା ଉଦ୍ଘାଟନୀ ଉତ୍ସବରେ କଇନଗରୀ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ରାଧାପଙ୍କଜ ମଣ୍ଡଳ, ସମିତି ସଭ୍ୟା ଅମିତା ମୈକାପ୍ ,ଏସ ଏମ ସି ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ସିଆର ସି ସି ବିଜୟ କୁମାର ଚକ୍ରବର୍ତ୍ତୀ ଯୋଗଦେଇ ନିପୁଣ ଓଡିଶା ମେଳାର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ । ବକ୍ତବ୍ୟରେ ସି ଆର ସି ସି ମହୋଦୟ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ଅଭିନବ ଶିକ୍ଷାଦାନ ପ୍ରଣାଳୀର ପ୍ରଦର୍ଶନ, ବିଦ୍ୟାଳୟ ଗୁଡିକୁ ଉତ୍ସାହିତ ଏବଂ ପ୍ରଶଂସା କରିବା, ସର୍ବୋତ୍ତମ ଅଭ୍ୟାସର ଆଦାନ ପ୍ରଦାନ, ସଚେତନତା ସୃଷ୍ଟି ଓ ଗୋଷ୍ଠୀର ସଂପୃକ୍ତି ବୃଦ୍ଧି ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ମେଳାରେ ସାକ୍ଷାରତା ଷ୍ଟଲ ,ସଂଖ୍ୟାଜ୍ଞାନ ଷ୍ଟଲ, ସୃଜନାତ୍ମକ କାର୍ଯ୍ୟକଳାପ ଷ୍ଟଲ୍ ,ମତାମତ ଷ୍ଟଲ୍ ସହ ସେଲ୍ଫି ପଏଣ୍ଟ ମଧ କରାଯାଇଥିଲା । ଆୟୋଜିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶିକ୍ଷକ ସରୋଜ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଅନାଦି ଚରଣ ନାୟକ,ବିଜୁ ରାଉତ, ଶିକ୍ଷୟତ୍ରୀ ରୀନାରାଣି ଦାସ, ସସ୍ମିତା ପାତ୍ର, ଅନୀତା ବେହେରା, ଅନୁରାଧା ବେହେରା, ରାଜଶ୍ରୀ ବିଶ୍ୱାଳ, ମଲ୍ଲିକାମଣି ସେନାପତି ତଥା କ୍ଲଷ୍ଟରର ସମସ୍ତ ଏଫ ଏଲ ଏନ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।ଶେଷରେ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ।

# ଆକସନ୍ ମୋଡ଼ରେ ଜିଲ୍ଲାପ୍ରଶାସନ: ଜିଲ୍ଲାର ମିଲରଙ୍କୁ ଛାଟ, ବାହାର ମିଲର ପାଇଁ ଫିଟିଲା ବାଟ

## ଟୋକନ ଅବଧିର ୧୫ ଦିନ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କୁ କ୍ଷମତା ପ୍ରଦାନ

ଭଦ୍ରକ, ୨୯/୧ (ନି.ପ୍ର): ସରକାରୀ ଦରରେ ଧାନ କିଣା ବ୍ୟବସ୍ଥାରେ କଟନୀ ଛଟନୀକୁ ନେଇ ଜାରି ରହିଥିବା ଜନ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ଜିଲ୍ଲା ପ୍ରଶାସନ ଆକ୍‌ସନ୍ ମୋଡ଼କୁ ଆସିଛି । ଧାନ କିଣିବା ପାଇଁ ତାଲିକାଭୁକ୍ତ ହୋଇଥିବା ଜିଲ୍ଲାର ୨୨ଟି ମିଲର ମଧ୍ୟରୁ ଅମାନିଆ ମିଲରମାନଙ୍କୁ ପ୍ରଶାସନିକ ଛାଟ ବାଜିଛି । ମଣ୍ଡିରୁ ଧାନ କିଣିବାରେ ଅସହଯୋଗ କରିବା କାରଣରୁ ଜେ.ଏମ୍.ବି., ୱାଇ.ଜି.ପି. ଏବଂ ଅଦିତି ରାଇସ୍ ମିଲକୁ ଜିଲ୍ଲା ପ୍ରଶାସନ ତରଫରୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ୍‌ର ସନ୍ତୋଷ ଜନକ ଉତ୍ତର ପ୍ରଦାନ କରିପାରି ନଥିବାରୁ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି । ସଂପୃକ୍ତ ୩ଟି ମିଲର୍‌ଙ୍କୁ ଧାନ କିଣିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପ୍ରଦାନ କରାଯାଇ ନାହିଁ । ସେପଟେ ବାହାର ମିଲର୍‌ଙ୍କୁ ଭଦ୍ରକ ଜିଲ୍ଲାରୁ ଧାନ କିଣିବା ପାଇଁ ନିୟୋଜିତ କରିବାକୁ ସରକାରଙ୍କ ତରଫରୁ ଅନୁମୋଦନ କରାଯାଇଛି । ସୂଚନାଯୋଗ୍ୟକି ଯାଜପୁର ଜିଲ୍ଲାର ଆଶୀର୍ବାଦ ରାଇସ ମିଲ ସରକାରୀ ଦରରେ ଭଦ୍ରକ ଜିଲ୍ଲାରୁ ଧାନ କିଣିବା ପାଇଁ ସମ୍ମତି ପ୍ରକାଶ କରିଛି। ପ୍ରକାଶ ଥାଉକି ମଣ୍ଡିରେ ଧାନ ବିକିବା ପାଇଁ କୌଣସି ହାଲତରେ ଟୋକନ ଲାପସ୍ ହେବ ନାହିଁ ବୋଲି ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ପ୍ରକାଶ କରିଛନ୍ତି । ଧାନ କିଣା ପାଇଁ ଚାଷୀଙ୍କୁ ମିଳିଥିବା ଟୋକନ୍‌ର ଅବଧି ୩୦ ଦିନ ମଧ୍ୟରେ ଅନିର୍ବାର୍ଯ୍ୟ କାରଣ ବସତ ଧାନ ବିକ୍ରୀ କରି ନପାରିଲେ, ୧୫ଦିନର ଅବଧି ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କୁ ସରକାରଙ୍କ ତରଫରୁ କ୍ଷମତା ପ୍ରଦାନ କରାଯାଇଛି । ଚାଷୀମାନେ କୌଣସି ପ୍ରକାର ବିଭ୍ରାନ୍ତିକର ସମ୍ବାଦ ବିଶ୍ୱାସକୁ ନିଅନ୍ତୁ ନାହିଁ । ଚାଷୀମାନଙ୍କ ସୁରକ୍ଷା ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି । ସଠିକ୍‌ମାନର ଧାନ ପ୍ରସ୍ତୁତ କରି ମଣ୍ଡିରେ ବିକି ଅଧିକ ଲାଭବାନ ହେବା ପାଇଁ ସଚେତନ ହେବାକୁ ଜିଲ୍ଲାପ୍ରଶାସନ ତରଫରୁ ନିବେଦନ କରାଯାଇଛି । ଅତ୍ୟନ୍ତ ଖରାପମାନର ଧାନକୁ ମଣ୍ଡିରୁ ଫେରେଇ ଦିଆଯିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ଏବଂ ଉପଯୁକ୍ତମାନର ଧାନକୁ ମଣ୍ଡିରୁ ନିୟମିତ ଉଠାଇବା ପାଇଁ ମିଲରମାନଙ୍କୁ କୁହାଯାଇଛି । ସୂଚନା ଯୋଗ୍ୟକି ଅଦ୍ୟାବଧି ୧୯,୯୮୫ ଜଣ କୃଷକଙ୍କ ଠାରୁ ସମୁଦାୟ ୮ ଲକ୍ଷ ୭୨ ହଜାର ୩୬୧ କ୍ୱିଣ୍ଟାଲ ଧାନ କିଣାଯାଇଛି । ୧୩,୪୧୮ ଜଣ କୃଷକ ସେମାନଙ୍କ ଧାନ ବିକ୍ରୟ ଅର୍ଥ ପାଇସାରିଛନ୍ତି।

# ନୀଳଗିରି ସଂସ୍କୃତ ମହାବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷାର ଶୁଭ ଉଦଘାଟନ

ନୀଳଗିରି, ୨୯/୧ (ନି.ପ୍ର): ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ନୀଳଗିରି ସଂସ୍କୃତ ମହାବିଦ୍ୟାଳୟରେ ଯୁକ୍ତଦୁଇ ଏବଂ ଯୁକ୍ତତିନିରେ ବୈଷୟିକ ଶିକ୍ଷା ଆରମ୍ଭ ହୋଇଯାଇଛି । ଜାତୀୟପତାକା ଉତ୍ତୋଳନ ପରେ ବୈଷୟିକ ଶିକ୍ଷାଦାନକୁ ନୀଳଗିରି ସମ୍ବାଦପ୍ରତିନିଧି ଲୋକନାଥ ଦଳେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ଶିକ୍ଷାଦାନ ସହ ବୈଷୟିକ ଶିକ୍ଷାଦ୍ୱାରା ବିଦ୍ୟାର୍ଥୀମାନେ ନିଜର ଆଗାମୀ ଭବିଷ୍ୟତଗଠନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ଅର୍ଥସର୍ବସ୍ୱ ନହୋଇ ନିଷ୍ଠାର ସହ କାର୍ଯ୍ୟକଲେ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ସମୟ ନିର୍ଦ୍ଧାରଣ କରାଯାଇ ସର୍ବନିମ୍ନ ୬ମାସ ପ୍ରତ୍ୟେକ ବିଦ୍ୟାର୍ଥୀ ମାନଙ୍କୁ ଲିଖିତ ଓ ପ୍ରାକ୍ଟିକାଲ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯିବା ବୋଲି ଅଧକ୍ଷ ସୂଚନା ଦେଇଥିଲେ।

# ପୋଲିସ ହାଇସ୍କୁଲ ବାର୍ଷିକ ଉତ୍ସବରେ ଯୋଗଦେଲେ ଏସପି

ବାରିପଦା, ୨୯/୧ (ନି.ପ୍ର): ସ୍ଥାନୀୟ ପୋଲିସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ରତ୍ନପ୍ରଭା ଷଡ଼ଙ୍ଗୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ (ଏସ ପି )ଶ୍ରୀ ବରୁଣ ଗୁଣ୍ଟୁପଲ୍ଲୀ ଯୋଗଦେଇ, ଛାତ୍ର ଛାତ୍ରୀ ମାନେ ଶୃଙ୍ଖଳା ଓ ମନଯୋଗ ସହକାରେ ଅଧ୍ୟୟନ କଲେ ନିଶ୍ଚୟ ନିଜକୁ



ପ୍ରତିଷ୍ଠିତ କରିପାରିବେ ବୋଲି ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବିଶିଷ୍ଟ ଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥିଭାବେ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପର୍ବତାରୋହୀ ପ୍ରସନ୍ନ ମିଶ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବାସନ୍ତୀ ହାଁସଦା ଅତିଥି ପରିଚୟ ପ୍ରଦାନ, ପୁଷ୍ପଲତା ନାୟକ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ମମତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତା ରେ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଛାତ୍ର ଛାତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପାରିବେଷିତ ହୋଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo